CMYK

- Vol.- 46, Issue No. 81
- Sunday,21 June 2026
- ରବିବାର, ୨୧ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ପ୍ରଧାନମନ୍ତ୍ରୀ**

# ମୋହନଙ୍କ ନେତୃତ୍ୱରେ ଆଗଉଛି ଓଡ଼ିଶା

★ ୪୭, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଦେଲେ ଭେଟି ★ ପାହାଡ଼ପୁର 'ସୂର୍ଯ୍ୟଗ୍ରାମ' ଭାବରେ ହେବ ପରିଚିତ

★ ଐତିହାସିକ: ଗୋଟିଏ ମଞ୍ଚରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର, ୨୦।୬: ମୟୂରଭଞ୍ଜର ପାହାଡ଼ପୁରଠାରେ ଶନିବାର ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଷ୍ଟ୍ରପତିଙ୍କ ୬୮ ତମ ଜନ୍ମ ଦିନ ସହିତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଓଡ଼ିଶା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶାବାସୀଙ୍କ ପାଇଁ ୪୭ ହଜାର ୬ଶହ କୋଟି ଟଙ୍କା ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଶିଳାନ୍ୟାସ/ପ୍ରକଳ୍ପର ଭେଟି ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତ ପ୍ରଗତି ଏବଂ ବିକାଶର ପ୍ରବେଶ ଦ୍ୱାର ଭାବେ ଉଭା ହେଉଛି । ମୟୂରଭଞ୍ଜର ରାଇରଙ୍ଗପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ, ମୋହନଙ୍କ ନେତୃତ୍ୱରେ ଆଗଉଛି ଓଡ଼ିଶା। ଏହି ରାଜ୍ୟ ବିକାଶ ପଥରେ ଦ୍ରୁତ ଗତିରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ନିବେଶ ବଢୁଛି, ରୋଜଗାର ସୁଯୋଗ ପାଇଁ କାମ ଦ୍ରୁତ ଗତିରେ ହେଉଛି। ପୂର୍ବୋଦୟ ନୀତିରେ କାମ କରୁଛନ୍ତି ସରକାର । କଂଗ୍ରେସ ସମୟରେ ଓଡ଼ିଶା ପଛୁଆ ଥିଲା, ଆଜି ଏ ରାଜ୍ୟ ପ୍ରଗତି ଦ୍ୱାର। ଓଡ଼ିଶା ପାଖେ ସମୁଦ୍ର, ଖଣି, କୃଷି ଶକ୍ତି ଯୁବ ଶକ୍ତି ରହିଛି । ଆଜିର ୪୭ ହଜାର କୋଟିର ପ୍ରକଳ୍ପ ଦ୍ୱାରା ଲୋକଙ୍କୁ ବହୁତ ସୁବିଧା ହେବ । ରାଜ୍ୟରେ ୨୦ ଲକ୍ଷ ନିବେଶ ପ୍ରସ୍ତାବ ମିଳିଛି । ସାଢେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି । ୬ ହଜାର କୋଟି ଶକ୍ତି କ୍ଷେତ୍ରରେ ନିବେଶ ହେଉଛି । ଡବଲ ଇଂଜିନ ସରକାରରେ ବିଶେଷତା ଆମେ ଲୋକଙ୍କ ପାଖରେ ପହଞ୍ଚୁଛୁ । ଆମ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା, ସୁଭଦ୍ରା ଯୋଜନାରେ କୋଟିଏ ହିତାଧିକାରୀଙ୍କୁ ସହାୟତା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଭଳି ବହୁ କାମ କରିଛନ୍ତି ।



ଦ୍ରୁତ ଗତିରେ ରାଜ୍ୟର ବିକାଶ ହେଉଛି। ଗରିବ କଲ୍ୟାଣ ଯୋଜନା ଲୋକଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆଣିଛି। ଏପରି ଭାବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସାର୍ଟିଫିକେଟ ଦେଇଥିଲେ। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ମଧ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ପାହାଡ଼ପୁର ଗ୍ରାମ ଦ୍ରୁତ ବିକାଶ ସହିତ ଏକ 'ସୌର ଗ୍ରାମ' ହେବ, ଯାହା ଏହି ଅଞ୍ଚଳର ପ୍ରତ୍ୟେକ ପରିବାର ସୌର ଶକ୍ତିରେ ସଜ୍ଜିତ ହେବେ । ସୂର୍ଯ୍ୟମନ୍ଦିର ପାଇଁ ଓଡ଼ିଶାର କୋଣାର୍କ ପରି ପାହାଡ଼ପୁର 'ସୂର୍ଯ୍ୟଗ୍ରାମ' ଭାବରେ ପରିଚିତ ହେବ ।

## ମୟୂରଭଞ୍ଜର କାୟାକଳ୍ପ ବଦଳିଯିବ: ରାଷ୍ଟ୍ରପତି

- ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର ବୁଲିଲେ ମୋଦି
- ଗଛ ଲଗାଇଲେ, ପୂଜା କଲେ
- ପରମ୍ପରା ଓ ସଂସ୍କୃତି ବାବଦରେ ପଚାରି ବୁଝିଲେ
- ପିଲାଙ୍କ ସହ କଲେ ଭାବ ବିନିମୟ

ପାହାଡପୁର, ୨୦।୬: ମୟୂରଭଞ୍ଜ ରାଇରଙ୍ଗପୁରର ଏହି ଆଦିବାସୀ ଅଧ୍ୟୁଷିତ ଗାଁ ଉପରେ ଥିଲା ଆଜି ପୂରା ଦେଶର ନଜର । କାରଣ ଏହି ଗାଁକୁ ଏକାଠି ଯାଇଥିଲେ ଦେଶର ଦୁଇ ଶୀର୍ଷ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଷ୍ଟ୍ରପତିଙ୍କ ଜନ୍ମଦିନରେ ଜନ୍ମମାଟି ପାହାଡପୁରରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ ମୋଦି। ପ୍ରଧାନମନ୍ତ୍ରୀ ଓ ମାଟିର ଝିଅ ତଥା ରାଷ୍ଟ୍ରପତିଙ୍କୁ ପାରମ୍ପରିକ ବେଶଭୂଷାରେ ଭବ୍ୟ ସ୍ୱାଗତ କରିଥିଲେ ପାହାଡ଼ପୁରବାସୀ । ରାଷ୍ଟ୍ରପତି ଉତ୍ତରୀୟ ଦେଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । କଥା ଦେଇ କଥା ରଖିବା ସହ ରାଷ୍ଟ୍ରପତିଙ୍କ ଗାଁରେ ପହଞ୍ଚି ପାହାଡପୁର ବୁଲି ଦେଖିଥିଲେ ମୋଦି । ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା କରି



ସେମାନଙ୍କର ପରମ୍ପରା ଓ ସଂସ୍କୃତି ବାବଦରେ ପଚାରି ବୁଝିଥିଲେ । ପରେ ପରମ୍ପରା ଅନୁଯାୟୀ କରିଥିଲେ ପୂଜାର୍ଚ୍ଚନା । ପାହାଡପୁରରେ ନିଜ ସ୍ମୃତିକୁ ଉଜ୍ଜୀବିତ ରଖିବାକୁ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ରଖିଛନ୍ତି ପ୍ରଧାନମନ୍ତ୍ରୀ । ବିଦ୍ୟାଳୟକୁ ଯାଇ ପିଲାଙ୍କ ସହ ଭାବ ବିନିମୟ କରିଥିଲେ । ପାହାଡପୁରରୁ ଫେରି ଦାଣ୍ଡବୋଷରେ ହୋଇଥିବା ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି। ଏହି ସମ୍ବୋଧନରେ ହିଁ ରାଷ୍ଟ୍ରପତିଙ୍କୁ ଜନ୍ମଦିନ ଭେଟି ଦେଇଥିଲେ ମୋଦି । ମୋଦିଙ୍କ ଗସ୍ତ ପରେ ରାଷ୍ଟ୍ରପତି କହିଛନ୍ତି, ଆଗକୁ ମୟୂରଭଞ୍ଜର କାୟାକଳ୍ପ ବଦଳିଯିବ । ସକାଳୁ ସକାଳୁ ପିଲାଙ୍କୁ ଚକୋଲେଟ୍ ବାଣ୍ଟି ଜନ୍ମଦିନର ଯାତ୍ରା ଆରମ୍ଭ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

## ମନ୍ଦିର ଛାତ ଭୁଶୁଡ଼ି ୭ ଶ୍ରଦ୍ଧାଳୁ ମୃତ

ମୁମ୍ବାଇ, ୨୦।୬: ମହାରାଷ୍ଟ୍ରର ପରଭାନୀ ଜିଲ୍ଲାର ଏକ ମନ୍ଦିରରେ ଏକ ନିର୍ମାଣାଧୀନ ହଲର ଛାତ ଭୁଶୁଡ଼ି ପଡ଼ିବାରୁ ଏକ ବଡ଼ ଦୁର୍ଘଟଣା ଘଟି ଏଯାଏଁ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏହାସହ ପ୍ରାୟ ୪୦ ଜଣ ଭକ୍ତ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମହାରାଷ୍ଟ୍ରର ପରଭାନୀ ଜିଲ୍ଲାର ଯଶୱାଡି ଗ୍ରାମର ହନୁମାନ ମନ୍ଦିରରେ ଶନିବାର ଏକ ବଡ଼ ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁଯାୟୀ ମନ୍ଦିରର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ି ଥିଲା। ସ୍ଥାନୀୟ ରିପୋର୍ଟ ଏବଂ ପ୍ରତ୍ୟକ୍ଷଦର୍ଶୀ ସୂଚିତ କରିଛନ୍ତି ଯେ ବହୁ ସଂଖ୍ୟକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି।ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ଥିବା ସମୟରେ ଏକ ସ୍ତମ୍ଭ ଏବଂ ହଲ୍‌ର ଛାତର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା।

## ଜୁଲାଇ ୧ରୁ ଡାକ୍ତରଙ୍କ ଆନ୍ଦୋଳନ



ଭୁବନେଶ୍ୱର, ୨୦।୬: ଜୁଲାଇ ପହିଲାରେ ଡାକ୍ତର ଦିବସରୁ କାର୍ଯ୍ୟ ବନ୍ଦ କରିବେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) । ସମୂହ ଇସ୍ତଫା ଦେବେ ସରକାରୀ ଡାକ୍ତର । ଦୀର୍ଘ ଦିନ ଧରି ୧୦ ଦଫା ଦାବି ପୂରଣ ନ ହେବାରୁ ଏହି ନିଷ୍ପତ୍ତି ନେଇଛି ସଂଘ । କ୍ୟାଡର ପୁନର୍ଗଠନ, ଲେବୁଲ ୧୫ ପେ ସ୍କେଲ ଉଚ୍ଛେଦ, ସ୍ୱଚ୍ଛ ବଦଳି ନୀତି, କେବିକେ ଏକଜିଟ ପଲିସି ଏବଂ ଦନ୍ତ ଡାକ୍ତରଙ୍କ ଇନସେନଟିଭ, ଇନସୁରାନ୍ସ , ଡାକ୍ତରଙ୍କୁ ସୁରକ୍ଷା ଇତ୍ୟାଦି ୧୦ ଦଫା ଦାବି ସରକାରଙ୍କୁ ଜଣାଇଥିଲା 'ଓମସା' । ହେଲେ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ବହୁବାର ଆଲୋଚନା ହୋଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ ଆସନ୍ତା ଜୁଲାଇ ୧ ଡାକ୍ତର ଦିବସ ଦିନରୁ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନେ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ଏଥିସହ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ବିଶେଷ କିଛି ପଦକ୍ଷେପ ନେଇ ନଥିବା କାରଣରୁ ଆସନ୍ତା ବୁଧବାର ଓପିଡି ବନ୍ଦ ରହିବ ବୋଲି ଚେତାବନୀ ଦେଇଛି ସଂଘ ।

## ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାଭ କ୍ଷଣ: ମୁଖ୍ୟମନ୍ତ୍ରୀ



ରାଇରଙ୍ଗପୁର, ୨୦।୬ : ମହାମହିମ ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରଖିଥିଲେ ସ୍ୱାଗତ ଅଭିଭାଷଣ । ସେ କହିଛନ୍ତି ଯେ, ଆଜିର ଏହି ମୁହୂର୍ତ୍ତଟି ଓଡ଼ିଶା ଇତିହାସରେ ଏକ ସ୍ୱର୍ଣ୍ଣାଭ କ୍ଷଣ। ଆଜିର ଏହି ଐତିହାସିକ ଦିନ ଓଡ଼ିଶା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ। ଗୋଟିଏ ମଞ୍ଚରେ ଦେଶର ମହାମହିମ ରାଷ୍ଟ୍ରପତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀ ଉପସ୍ଥିତ ହୋଇ ଏକ ବିଶେଷ ଅବସରକୁ ପାଳନ କରିବା ଓଡିଶା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ମହାମହିମ ରାଷ୍ଟ୍ରପତିଙ୍କ ୬୮ତମ ଶୁଭ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମହାମହିମ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ସ୍ୱାଗତ କରୁଛି। ଆପଣଙ୍କ ସାରା ଜୀବନ ମା' ଭାରତୀର ସେବାରେ ଉତ୍ସର୍ଗୀକୃତ। ତ୍ୟାଗ, ସେବା ଓ ସମର୍ପଣର ଆପଣ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ। ଆପଣଙ୍କ ଶାନ୍ତ, ସରଳ ଜୀବନ ହେଉଛି ଏକ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ। ମୟୂରଭଞ୍ଜ ଜିଲ୍ଲାର ଏକ ଅନାମଧେୟ ଜନଜାତି ଅଧ୍ୟୁଷିତ ଗ୍ରାମରୁ ଜୀବନର ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରିବା, ଏହା ଆପଣଙ୍କର କଠିନ ପରିଶ୍ରମ, ଉତ୍ସର୍ଗୀକୃତ ଜନସେବା ଏବଂ ଦେଶର ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଆପଣଙ୍କ ପୂର୍ଣ୍ଣ ବିଶ୍ୱାସ। ଆପଣ ସାରା ଦେଶର ମହିଳାଙ୍କ ପାଇଁ ପ୍ରେରଣାର ଏକ ମହାନ୍ ଉତ୍ସ । ଆଜିର ଏହି ପବିତ୍ର ଅବସରରେ ମୁଁ ଆପଣଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ପାଇଁ ସୁଖ, ଶାନ୍ତି କାମନା କରୁଛି । କିଛି ଦିନ ପୂର୍ବରୁ, କେନ୍ଦ୍ରରେ ଆପଣଙ୍କ ସରକାର, ସେବା, ସୁଶାସନ ଏବଂ ଭାରତର ଗୌରବମୟ ଦିନର ୧୨ ବର୍ଷ ପୂରଣ କରିଛନ୍ତି। ବିଗତ ୧୨ ବର୍ଷ ଦେଶ ପାଇଁ ଏପରି ଏକ ସମୟ ଯାହାର ତୁଳନା ନାହିଁ। ୨୦୧୪ ପରେ ଯେଉଁ ସବୁ ଯୋଜନା ପ୍ରଣୟନ କରିଛନ୍ତି, ତାହା ବଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ପାଇଁ ବହୁତ କିଛି ଲାଭ ମିଳିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁତ କମ୍ ଦିନ ମଧ୍ୟରେ, ଆମ ସରକାର ଅନେକ କଲ୍ୟାଣକାରୀ ଯୋଜନା- ଯେପରିକି ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା; କୃଷକ ସମୃଦ୍ଧି ଯୋଜନା, ସ୍କୁଲ ପିଲାମାନଙ୍କ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ବରିଷ୍ଠ ନାଗରିକମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଏବଂ ରାଜ୍ୟବାସୀଙ୍କ ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିଛନ୍ତି। ଏବେ ଆମ ସରକାର ରାଜ୍ୟରେ କେଜି ଠାରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଭଳି ପଦକ୍ଷେପ ନେବାରେ ଓଡ଼ିଶା ବୋଧହୁଏ ଦେଶର ପ୍ରଥମ ରାଜ୍ୟ। ସାମାଜିକ ଓ ଶିକ୍ଷାଗତ ସ୍ତରରେ ପଛୁଆ ବର୍ଗଙ୍କ ପାଇଁ ଅନେକ ଦଶନ୍ଧି ଧରି ଅଟକି ରହିଥିବା ସଂରକ୍ଷଣକୁ ଲାଗୁ କରାଯାଇଛି। ଯାହା ସାଧାରଣ ଶିକ୍ଷା ଠାରୁ ଆରମ୍ଭ କରି ମେଡିକାଲ ଓ ବୈଷୟିକ ଶିକ୍ଷାରେ ମଧ ଲାଗୁ ହୋଇଛି। ଗତବର୍ଷ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଶିଳ୍ପ ବିପ୍ଲବ ଏବେ ଚରମ ସୀମାରେ ପହଞ୍ଚିଛି। ଏହି ସବୁ କାର୍ଯ୍ୟକ୍ରମ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ।

**କମ୍ ଦିନରେ ଅନେକ କଲ୍ୟାଣକାରୀ ଯୋଜନା**

## ଆଜି ନିଟ୍ ୟୁଜି ୨୦୨୬ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୬: ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ୟୁଜି ୨୦୨୬ ପୁନଃପରୀକ୍ଷାରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦିନ ନିର୍ଦ୍ଦେଶାବଳୀ ଜାରି କରିଛି। ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ସହଭାଗିତା କରାଯାଇଥିବା ଏକ ପରାମର୍ଶରେ, ଏନଟିଏ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପ୍ରବେଶ ପତ୍ର, ଏକ ବୈଧ ଫଟୋ ପରିଚୟପତ୍ର ଏବଂ ଦୁଇଟି ପାସପୋର୍ଟ ଆକାରର ଫଟୋଗ୍ରାଫ୍ ପରୀକ୍ଷା କେନ୍ଦ୍ରକୁ ନେବାକୁ କହିଛି। ଏହା ଆଶାୟୀମାନଙ୍କୁ ସମୟ ମଧ୍ୟରେ ପରୀକ୍ଷା ସ୍ଥାନରେ ପହଞ୍ଚିବା ଏବଂ ସମସ୍ତ ପରୀକ୍ଷା ଦିନର ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦେଇଛି।ଏହା ପକ୍ଷରୁ ଆହୁରି କୁହାଯାଇଛି ଯେ ଏହା ଭାରତର ୫୫୧ ସହର ଏବଂ ବିଦେଶର ୧୪ ସହର ମଧ୍ୟରେ ୨୨.୭୯ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ସୁରକ୍ଷିତ ପରୀକ୍ଷାପରିଚାଳନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ନିଟ୍ ୟୁଜି ୨୦୨୬ ପୁନଃପରୀକ୍ଷା ରବିବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୫:୧୫ ପର୍ଯ୍ୟନ୍ତ ପେନ ଓ ପେପର ମୋଡ୍‌ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।ଓଡ଼ିଶାରୁ ୨୩ ହଜାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଥିବା ବେଳେ ଭୁବନେଶ୍ୱରରୁ ଏହି ସଂଖ୍ୟା ପ୍ରାୟ ୧୦ ହଜାର।

## ରାଜ୍ୟର ୩୪.୬୪ ଲକ୍ଷ କୃଷକଙ୍କୁ ପିଏମ୍ କିଷାନ କିସ୍ତି

■ ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଅନୁଭୂତ ହେବା ଆଶଙ୍କା

■ ଡାଲି ଓ ତୈଳ ଜାତୀୟ ଫସଲ ଅଧିକ କରିବାକୁ ପରାମର୍ଶ

ଭୁବନେଶ୍ୱର/ରାଇରଙ୍ଗପୁର, ୨୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପଶ୍ଚିମବଙ୍ଗର ହୁଗୁଳି ସ୍ଥିତ ତାରକେଶ୍ୱର ଠାରେ ପିଏମ୍ କିଷାନ ଯୋଜନାର ୨୩ ତମ କିସ୍ତି ପ୍ରଦାନ କରାଯାଇଛି ଓ ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮, ୮୮୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶାର ୩୪.୬୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଶନିବାର ୬୯୨.୮୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀମାନେ ବିହନ, ସାର, କୀଟନାଶକ ଓ ଚାଷପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ସମସ୍ତ ଯୋଗ୍ୟ କୃଷକମାନଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬ ,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ 'ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ' ରୂପେ ପାଳନ କରାଯାଉଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ମହତାବ ଭବନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ମନ୍ତ୍ରୀ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି ରବି ଋତୁରେ ମଧ ଚାଷୀଙ୍କ ଠାରୁ ସରକାର କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ଚାଷୀମାନେ ବିଭିନ୍ନ ଫଳ ପନିପରିବା ଚାଷ କରି ବିଦେଶକୁ ରପ୍ତାନି କରି ଭଲ ରୋଜଗାର କରିପାରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଚଳିତ ବର୍ଷ ଏଲ୍ ନିନୋର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି ତେଣୁ ଚାଷୀମାନେ ସ୍ୱଳ୍ପ ଅବଧି ଯୁକ୍ତ ଫସଲ କିସମ ଚାଷ କରନ୍ତୁ। ଏହା ଦ୍ୱାରା ଆପଣଙ୍କ ଫସଲ ଉତ୍ପାଦନ ପ୍ରଭାବିତ ହେବ ନାହିଁ। ଏଥିସହ, ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଆହ୍ୱାନ ଅନୁଯାୟୀ ଡାଲି ଓ ତୈଳ ଜାତୀୟ ଫସଲ ରାଜ୍ୟରେ ଅଧିକ ପରିମାଣରେ କରିବାକୁ ସେ ପରାମର୍ଶ ଦେଇଛନ୍ତି।



## ପୁଣି ହର୍ମୁଜ ବନ୍ଦ କଲା ଇରାନ
### 'ବୁଝାମଣା ଉଲ୍ଲଂଘନ କରିଛି ଆମେରିକା'

ତେହେରାନ, ୨୦।୬: ଇରାନର ସେନା (ଖାତମ ଅଲ୍-ଅମ୍ବିୟା ହେଡ୍‌କ୍ୱାର୍ଟର) ଷ୍ଟ୍ରେଟ୍ ଅଫ୍ ହର୍ମୁଜଠାରେ ଜାହାଜ ଚଳାଚଳ ବନ୍ଦ ନେଇ ବଡ଼ ଘୋଷଣା କରିଛି ।ଇରାନ ଦାବି କରିଛି ଏହା ପଛର କାରଣ ଯୁଦ୍ଧ ଶେଷ ନେଇ ହୋଇଥିବା ବୁଝାମଣାକୁ ଆମେରିକା ଉଲ୍ଲଂଘନ କରିଛି। ଦକ୍ଷିଣ ଲେବାନନରୁ ସେନା ହଟାଇବା ଏବଂ ଇସ୍ରାଏଲ୍ ଦ୍ୱାରା କ୍ରମାଗତ ଯୁଦ୍ଧବିରତିର ଉଲ୍ଲଂଘନ କରିବା କାରଣ କୁହାଯାଇଛି। ଆମେରିକା ଏବଂ ଇରାନ ଚଳିତ ସପ୍ତାହରେ ଏକ ବୁଝାମଣା ଉପରେ ଦସ୍ତଖତ କରିଥିଲେ। ଏଥିରେ ଉଲ୍ଲେଖ ଥିଲା ଯେ, ହର୍ମୁଜକୁ ପୁଣି ଥରେ ଖୋଲି ଦିଆଯିବ। ଏବେ ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ବୁଝାମଣାର ଖବରର କିଛି ଘଣ୍ଟା ପରେ ଶନିବାର ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣରେ ଅତିକମ୍‌ରେ ୭ଜଣଙ୍କର ମୃତ୍ୟୁ ଘଟିଥିଲା, ଯେଉଁଥିରେ ୨ଜଣ ଶିଶୁ ସାମିଲ ଥିଲେ। ଏବେ ଇରାନ ଦ୍ୱାରା ଦ୍ୱିତୀୟ ଥର ହର୍ମୁଜ ଉପରେ କଟକଣା ଲାଗୁ କରାଯିବା ପରେ ଶାନ୍ତି ଚୁକ୍ତି ନେଇ ହୋଇଥିବା ବୁଝାମଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




CMYK

# ନୀଳାଚଳ ଶ୍ରୀପୁରୁଷୋତ୍ତମ ନାମର ମହତ୍ତ୍ୱ





ମହାବାହୁ ପବିତ୍ର ନୀଳାଚଳ ଧାମରେ ବିରାଜମାନ କରିଥିବାରୁ ତାଙ୍କୁ ନୀଳାଚଳନାଥ ଏବଂ ସେ ସମସ୍ତ ପୁରୁଷଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବା ଯୋଗୁଁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ। ଯାହା ଉଭୟ ନାମର ବିଶେଷତ୍ତ୍ୱ। ଉପରୋକ୍ତ ଦୁଇଟି ନାମର ବିଶେଷତ୍ତ୍ୱକୁ ଯଦି ବିଶ୍ଳେଷଣ କରାଯାଏ, ତେବେ ଆମେ ବୁଝି ପାରିପାରିବା ଯେ, ଏହାର ପଛରେ କ'ଣ ମହତ୍ତ୍ୱ ଦିଗ ରହିଛି ?

ମହାବାହୁ ପବିତ୍ର ନୀଳାଚଳ ଧାମରେ ବିରାଜମାନ କରିଥିବାରୁ ତାଙ୍କୁ ନୀଳାଚଳନାଥ ଏବଂ ସେ ସମସ୍ତ ପୁରୁଷଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବା ଯୋଗୁଁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ। ଯାହା ଉଭୟ ନାମର ବିଶେଷତ୍ତ୍ୱ। ଉପରୋକ୍ତ ଦୁଇଟି ନାମର ବିଶେଷତ୍ତ୍ୱକୁ ଯଦି ବିଶ୍ଳେଷଣ କରାଯାଏ, ତେବେ ଆମେ ବୁଝି ପାରିପାରିବା ଯେ, ଏହାର ପଛରେ କ'ଣ ମହତ୍ତ୍ୱ ଦିଗ ରହିଛି ? ଉଭୟ ପଦ ଭିତରୁ ନୀଳାଚଳ ପଦଟି ଦୁଇଗୋଟି ଶବ୍ଦକୁ ନେଇ ଗଠିତ ହୋଇଛି। ଯଥା: ନୀଳ ଓ ଅଚଳ। ନୀଳର ସାଧାରଣ ଅର୍ଥ ବର୍ଣ୍ଣ ବା ରଙ୍ଗର ବିଶେଷ ଏବଂ ଅଞ୍ଚଳର ଅର୍ଥ ହେଉଛି ପର୍ବତ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ସ୍ଥାନଟି ପୂର୍ବରୁ ଏକ ନୀଳ ରଙ୍ଗର ସ୍ୱଳ୍ପ ଉଚ୍ଚ ସମ୍ପନ୍ନ ପାହାଡ଼ଟିଏ ଥିଲା । ଯେଉଁଠି ଭଗବାନ ବିଷ୍ଣୁ 'ନୀଳମାଧବ' ରୂପରେ ପୂଜା ପାଉଥିଲେ । ସେଥିପାଇଁ ଜଗନ୍ନାଥଙ୍କୁ 'ନୀଳାଚଳନାଥ' ବା 'ନୀଳାଦ୍ରିନାଥ' କୁହାଯାଏ । ନୀଳ ଶବ୍ଦର ଅନେକ ବ୍ୟୁପତ୍ତି ରହିଛି; ସେଥିମଧ୍ୟରୁ ଗୋଟିଏ ହେଉଛି: ନିଲୀୟନ୍ତେ ବର୍ଣ୍ଣାଃ ଅସ୍ମିନ୍ ଇତି ନୀଳଃ। ଅର୍ଥାତ୍ ଯେଉଁ ରଙ୍ଗରେ ସମସ୍ତ ରଙ୍ଗ ମିଶିଗଲେ ବା ଲୀନ ହୋଇଗଲେ, ନିଜ ନିଜର ବର୍ଣ୍ଣ ସ୍ୱାତନ୍ତ୍ର୍ୟ ହରାଇ ଗୋଟିଏ ହିଁ ନୀଳ ରଙ୍ଗରେ ରୂପାନ୍ତରିତ ହୋଇଥାନ୍ତି । ଯଦି ଏହାର ତାତ୍ତ୍ୱିକ ଅର୍ଥ ଦେଖାଯାଏ ତେବେ, ମହାପ୍ରଭୁ ସମସ୍ତ ଉଚ୍ଚ - ନୀଚ, ଧନୀ - ଦରିଦ୍ର, ଜାତି - ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସଭିଙ୍କୁ ଆପଣେଇ ନେଇ ଅହେତୁକ କୃପା କରିଥାନ୍ତି। ଉକ୍ତ ସ୍ଥାନରେ ସବୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଏକ ଚେତନାରେ ଏକାକାର ହୋଇ ନିଜର ଅସ୍ତିତ୍ୱକୁ ହରାଇ ଥାନ୍ତି। ସେଭଳି ଅଚଳର ବ୍ୟୁପତ୍ତି ନ ଚଳତି ଇତି ଅଚଳଃ। ଅର୍ଥାତ୍ ଯେଉଁ ପଦାର୍ଥର ଗମନ ବା ପରିବର୍ତ୍ତନ ନଥାଏ। ଯେ ଶାଶ୍ୱତ, ଅପରିବର୍ତ୍ତନୀୟ ଓ ସତ୍ ସ୍ୱରୂପର ନିଦର୍ଶନ। ତେଣୁ ଏହି ସତ୍ୟକୁ ଶାସ୍ତ୍ରରେ କୁହାଯାଇଛି ଯେ 'ତ୍ରିକାଳାବାଧ ରହିତମ୍ ସତ୍ୟମ୍' । ଅତଃ ଦାରୁବ୍ରହ୍ମଙ୍କୁ 'ନିତ୍ୟଃ ସର୍ବଗତଃ ସ୍ଥାଣୁଃ ଅଚୋଳଙ୍କୟଂ ସନାତନଃ' ବୋଲି କୁହାଯାଏ। ସେହି ପରି ଆମ ଓଡ଼ିଆରେ ଏକ ପ୍ରବାଦ ରହିଛି ଜଗନ୍ନାଥ 'ଅଚଳ ମହାମେରୁ' । ଏହି ଅଚଳ ଭାବବିନୋଦିଆଙ୍କ ଭାବରେ ଯେବେ ଏ ଜୀବ ଥରେ ବୁଡ଼ିଯାଏ, ତେବେ ସେ ନିଜର ସତ୍ତାକୁ ହରାଇବସେ।

### ସବୁ ଜୀବଙ୍କ ଅନ୍ତରେ ସମଭାବେ ବାସ

ମହାପ୍ରଭୁଙ୍କ ନାମ ଓ ଧାମ (କ୍ଷେତ୍ର) ହେଉଛି ଶ୍ରୀପୁରୁଷୋତ୍ତମ । ଏହାର ଦୃଷ୍ଟାନ୍ତ କପିଳ ସଂହିତାରେ ଦେଖିବାକୁ ମିଳେ।ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ । ସର୍ବେଷାଂ ସର୍ବ ଦେବାନାମ ରାଜା ଶ୍ରୀପୁରୁଷୋତ୍ତମଃ ।।ଅର୍ଥାତ୍ ସମସ୍ତ ତୀର୍ଥକ୍ଷେତ୍ର ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି ଏବଂ ସର୍ବ ଦେବାଦେବୀଙ୍କ ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ ରୂପରେ ମଧ୍ୟ ବର୍ଣ୍ଣନା କରାଯାଇଛି।ଏହି ଶ୍ରୀପୁରୁଷୋତ୍ତମ ପଦଟି ତିନୋଟି ଶବ୍ଦକୁ ନେଇ ଗଠିତ, ଯଥା: ଶ୍ରୀ, ପୁରୁଷ ଓ ଉତ୍ତମ। ଶ୍ରୀ ଶବ୍ଦର ସଂସ୍କୃତ ବ୍ୟୁପତ୍ତି 'ଶ୍ରୟତୀତି', ଅର୍ଥାତ୍ ଯେ ଶରଣ ଦିଏ ବା ଯାହାଙ୍କ ପାଖରେ ଲକ୍ଷ୍ମୀ, ଶୋଭା, ଆଭା,କୀର୍ତ୍ତି, ଐଶ୍ୱର୍ଯ୍ୟ, ମତି,ବିଦ୍ୟା ଓ ବିଭୂତ୍ୟାଦି ପୂର୍ଣ୍ଣ ରୂପେ ରହିଅଛି । ତାଙ୍କୁ ଶ୍ରୀପତି ବୋଲି କୁହାଯାଏ। ସେଭଳି ପୁରୁଷର ବ୍ୟୁପତ୍ତି 'ପୂର୍ଷୁ ବସତି ଇତି ପୁରୁଷଃ' । ଏ ବିଷୟରେ ଶ୍ରୀମଦ୍ଭଗବଦ୍ ଗୀତା ଏବଂ ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ, ସେହି ଏକ ପରମାତ୍ମା ସମସ୍ତ ପୁରି ଅର୍ଥାତ୍ ସବୁ ଜୀବଙ୍କ ଅନ୍ତରେ ସମଭାବେ ବାସ କରିଛନ୍ତି। ଅନ୍ୟ ଶେଷ ଶବ୍ଦଟି ହେଉଛି ଉତ୍ତମଃ: ଯେ ଅତିଶୟେନ ଉତ୍କୃଷ୍ଟଃ। ଉପରୋକ୍ତ ଶ୍ରୀପୁରୁଷୋତ୍ତମ ନାମର ବ୍ୟୁତ୍ପତ୍ତିରୁ ଜଣାଯାଏ ଯେ, ମହାପ୍ରଭୁ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ । ସେ ସର୍ବ ଶକ୍ତିମାନ ତଥା ସେବ୍ୟ, ପୂଜନୀୟ ଏବଂ ଭଜନୀୟ । କିନ୍ତୁ ଏ ଜୀବ ହେଉଛି ସେବକ। ଯେ ତାଙ୍କୁ ପୂଜା, ସେବା ଓ ଭଜନ ମଧ୍ୟ କରିଥାଏ। କାରଣ ସେ ହେଉଛନ୍ତି ଈଶ୍ୱର ଏବଂ ମଣିଷ ନଶ୍ୱର ତଥା ଅଣୁଚିତ୍ତ, ଅଳ୍ପଜ୍ଞ ଏବଂ ମାୟାର ଅଧୀନ। କିନ୍ତୁ ମହାପ୍ରଭୁ ବିଭୁଚିତ୍ତ ତଥା ସର୍ବଜ୍ଞ ଓ ମାୟାଧୀଶ। ପୁରୁଷୋତ୍ତମ ଧାମରେ ସାକ୍ଷାତ ନାରାୟଣ 'ପୁରୁଷୋତ୍ତମ' ରୂପରେ ବିରାଜମାନ କରିଛନ୍ତି। ତାଙ୍କୁ 'ମୁକ୍ତିଦଃ' ବୋଲି ମଧ୍ୟ କୁହାଯାଏ । ଏହି ପୁରୁଷୋତ୍ତମ ଧାମରେ ମନୁଷ୍ୟ ମୃତ୍ୟୁବରଣ କଲେ ବୈକୁଣ୍ଠକୁ ପ୍ରାପ୍ତି କରିଥାଏ ଏବଂ ଏ ଧାମର କୂଳରେ ଯେ ବାସ କରନ୍ତି, ସେମାନେ ଅତ୍ୟନ୍ତ ଭାଗ୍ୟଶାଳୀ ଅଟନ୍ତି। କାରଣ ଏଠାକାର ବାୟୁରେ ମଧ୍ୟ ଭକ୍ତିର ସୁଗନ୍ଧ ଭରିରହିଛି। ଅତଃ ଏହି ଭୂମିରେ ବାସ କରିବା ଏବଂ ପ୍ରଭୁଙ୍କୁ ଦର୍ଶନ କରିବା ବଡ଼ ସୌଭାଗ୍ୟର ବିଷୟ।

**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
**କବିସୂର୍ଯ୍ୟ ନଗର**
ମୋ:୯୮୬୧୩୩୪୮୬୮

# ଜାମୁକୋଳିକୁ ନେଇ କେତୋଟି ତଥ୍ୟ



**ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଏବଂ ଫାଇବରରେ ଭରପୂର ଏହି କୋଳି ହଜମ ଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ କରିବା ଏବଂ ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।**

ଜାମୁକୋଳି ଏକ ଋତୁକାଳୀନ ଫଳ, ଯାହା ନିଜର ସ୍ୱାଦ ସହ ସ୍ୱାସ୍ଥ୍ୟ ଉପକାରିତା ପାଇଁ ମଧ୍ୟ ବେଶ ପରିଚିତ । ଆଣ୍ଟିଅକ୍ସିଡେଣ୍ଟ, ଭିଟାମିନ ଏବଂ ଫାଇବରରେ ଭରପୂର ଏହି ଫଳ ହଜମ ଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ କରିବା ଏବଂ ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେବେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥିଲେ ମଧ୍ୟ ଜାମୁକୋଳି ସମସ୍ତଙ୍କ ପାଇଁ ସୁରକ୍ଷିତ ନୁହେଁ । କିଛି ବିଶେଷ ସ୍ୱାସ୍ଥ୍ୟ ସମସ୍ୟା ଜନିତ ଲୋକଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ । ଜାମୁକୋଳିରେ ଥିବା ଜାମ୍ବୋଲିନ ଓ ଜାମ୍ବୋସିନ ଭଳି ଉପାଦାନ ରକ୍ତରେ ଶର୍କରାର ମାତ୍ରା କମାଇବାରେ ସହାୟକ ହୋଇଥାଏ । ତେବେ ଯେଉଁମାନେ ଡାଇବେଟିସ ନିୟନ୍ତ୍ରଣ ପାଇଁ ଔଷଧ ଖାଉଛନ୍ତି ସେମାନଙ୍କ ପାଇଁ ଅଧିକ ପରିମାଣରେ ଜାମୁକୋଳି ଖାଇବା ହାଇପୋଗ୍ଲାଇସେମିଆ ବା ଅତ୍ୟଧିକ କମ୍ ରକ୍ତଶର୍କରା ସମସ୍ୟା ସୃଷ୍ଟି କରିପାରେ । ଏଥିଯୋଗୁଁ ମୁଣ୍ଡ ବୁଲାଇବା, ଝାଳ ବାହାରିବା ଏବଂ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖା ଦେଇପାରେ । ବିଶେଷଜ୍ଞଙ୍କ ମତରେ, ଜାମୁକୋଳିରେ ଅକ୍ସାଲେଟ ରହିଥାଏ ଯାହା କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ କିଡନି ଷ୍ଟୋନ ହେବାର ଆଶଙ୍କା ବଢ଼ାଇପାରେ । ଫାଇବରରେ ଭରପୂର ଜାମୁକୋଳି ସାଧାରଣତଃ ହଜମ ପାଇଁ ଭଲ ହୋଇଥାଏ । କିନ୍ତୁ ଅତ୍ୟଧିକ ପରିମାଣରେ ଏହା ଖାଇଲେ ପେଟ ଫୁଲିବା , ଗ୍ୟାସ୍ , କୋଷ୍ଠକାଠିନ୍ୟ ଓ ପେଟ ବ୍ୟଥା ଭଳି ସମସ୍ୟା ଦେଖା ଦେଇପାରେ। ବିଶେଷ କରି ଯେଉଁ ମାନଙ୍କର ହଜମ ପ୍ରଣାଳୀ ସମ୍ବେଦନଶୀଳ ସେମାନେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ । ଜାମୁକୋଳି ପୋଷକ ତତ୍ତ୍ୱରେ ଭରପୂର ହୋଇଥିଲେ ମଧ୍ୟ ଗର୍ଭାବସ୍ଥାରେ ଏହାର ପ୍ରଭାବ ନେଇ ପର୍ଯ୍ୟାପ୍ତ ଗବେଷଣା ଉପଲବ୍ଧ ନାହିଁ । ଏହି କାରଣରୁ ଗର୍ଭବତୀ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ଖାଇବା ଉଚିତ । ଯଦିଓ ଜାମୁକୋଳି ଜନିତ ଆଲର୍ଜି ଘଟଣା ବହୁତ କମ ତଥାପି କେତେକଙ୍କ ଠାରେ ଏହା ଖାଇବା ପରେ ଚର୍ମରେ କୁଣ୍ଡିଆ,ଯାଦୁ, ଫୁଲିବା କିମ୍ବା ଶ୍ୱାସ ନେବାରେ ଅସୁବିଧା ମଧ୍ୟ ଦେଖା ଦେଇପାରେ। ଏପରି ସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

# ଦେବାଳୟ ସ୍ୱଚ୍ଛ ରଖିବାର ଦଶଟି ବାଟ



ଦେବାଳୟ କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ଏହା ସମାଜ ଓ ପରିବେଶ ସହ ଗଭୀର ଭାବେ ଜଡ଼ିତ ଏକ ପବିତ୍ର ସ୍ଥାନ। ଆଜିର ଯୁଗରେ ପରିବେଶ ପ୍ରଦୂଷଣ ଏକ ବଡ଼ ସମସ୍ୟା ହୋଇଯାଇଥିବାରୁ ମନ୍ଦିର ପରିସରକୁ ସବୁଜ, ସ୍ୱଚ୍ଛ ଓ ସୁସ୍ଥ ରଖିବା ଅତ୍ୟନ୍ତ ଆବଶ୍ୟକ। ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ଶବ୍ଦ ନିୟନ୍ତ୍ରଣ ଭଳି ଛୋଟ ଛୋଟ ପ୍ରୟାସ ଦ୍ୱାରା ଆମେ ଦେବାଳୟକୁ ଏକ ପରିବେଶ-ମିତ୍ର ସ୍ଥାନରେ ପରିଣତ କରିପାରିବା। ଏହି ଦିଗରେ ସଚେତନତା ଓ ସମୂହ ଅଂଶଗ୍ରହଣ ଅତ୍ୟନ୍ତ ଜରୁରି।

★ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଲେ ପରିବେଶ ସବୁଜ ଓ ଶୁଦ୍ଧ ରହେ। ଏହା ଛାୟା ପ୍ରଦାନ କରେ ଏବଂ ଅମ୍ଳଜାନର ପରିମାଣ ବଢ଼ାଏ।

★ ଲଗାଇଥିବା ଗଛଗୁଡ଼ିକୁ ନିୟମିତ ଭାବେ ପାଣି ଦେବା, ଘାସ ବାଛିବା ଏବଂ ପଶୁପକ୍ଷୀଙ୍କ ଦ୍ୱାରା କ୍ଷତି ହେବାରୁ ରକ୍ଷା କରିବା ଆବଶ୍ୟକ।

★ ପ୍ଲାଷ୍ଟିକ୍ ପରିବେଶକୁ ଦୂଷିତ କରେ, ତେଣୁ କପଡ଼ା ବ୍ୟାଗ୍ କିମ୍ବା ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବା ଉଚିତ।

★ ପୂଜାରେ ପ୍ରାକୃତିକ ଫୁଲ ଓ ପତ୍ର ବ୍ୟବହାର କଲେ ପରିବେଶ ପ୍ରଦୂଷଣ କମିଥାଏ ଏବଂ ସେଗୁଡ଼ିକ ସହଜରେ ମାଟିରେ ମିଶିଯାଏ।

★ ମନ୍ଦିରରେ ସୃଷ୍ଟ ଆବର୍ଜନାକୁ ଓଦା ଓ ଶୁଖିଲା ଭାବେ ଦୁଇଟି ଡଷ୍ଟବିନ୍‌ରେ ପୃଥକ୍ କରି ଫୋପାଡ଼ିବା ଏବଂ ପୁନଃଚକ୍ରଣ କରିବା ଆବଶ୍ୟକ।

★ ଫୁଲ, ପତ୍ର ଓ ଜୈବ ଅବଶିଷ୍ଟକୁ କମ୍ପୋଷ୍ଟ କରିଲେ ପ୍ରାକୃତିକ ସାର ତିଆରି ହୁଏ, ଯାହା ଗଛ ପାଇଁ ଉପକାରୀ।

★ ମନ୍ଦିରରେ ଅନାବଶ୍ୟକ ପାଣି ବ୍ୟୟ ରୋକିବା ଏବଂ ଆବଶ୍ୟକତା ଅନୁଯାୟୀ ପାଣି ବ୍ୟବହାର କରିବା ଦରକାର।

★ ଲାଉଡ୍ ସ୍ପିକରର ଅତ୍ୟଧିକ ଶବ୍ଦ ଓ ଧୂଆଁ ସୃଷ୍ଟି କରୁଥିବା କାର୍ଯ୍ୟକଳାପ କମାଇଲେ ପରିବେଶ ଶାନ୍ତ ଓ ସ୍ୱଚ୍ଛ ରହେ।

★ ନିୟମିତ ଭାବେ ମନ୍ଦିର ଓ ତାହାର ପରିସର ସଫା କରିଲେ ସ୍ୱଚ୍ଛତା ବଜାୟ ରହେ ଏବଂ ରୋଗ ନିବାରଣ ହୁଏ।

★ ପରିବେଶ ସୁରକ୍ଷା ବିଷୟରେ ଭକ୍ତମାନଙ୍କୁ ସଚେତନ କରିଲେ ସମସ୍ତେ ମିଶି ମନ୍ଦିରକୁ ସବୁଜ ଓ ସ୍ୱଚ୍ଛ ରଖିପାରିବେ।

# ବାସ୍ତୁ ଓ ତୁଳସୀ

**ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରର ସଠିକ ଦିଗରେ ଥିବା ଗଛ ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରାଇଥାନ୍ତି। ଯାହା ଘରେ ସଫଳତା, ପ୍ରଗତି ଏବଂ ସମୃଦ୍ଧି ଆଣିଥାଏ । ତୁଳସୀ ଗଛ, କେବଳ ଏକ ଔଷଧୀୟ ଉଦ୍ଭିଦ ଭାବେ କାର୍ଯ୍ୟ କରିନଥାଏ। ଏହା ଦ୍ୱାରା ଘରେ ଆସୁଥିବା ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ।**



ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରର ସଠିକ ଦିଗରେ ଥିବା ଗଛ ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରାଇଥାନ୍ତି। ଯାହା ଘରେ ସଫଳତା, ପ୍ରଗତି ଏବଂ ସମୃଦ୍ଧି ଆଣିଥାଏ । ଅନ୍ୟପକ୍ଷରେ ଯଦି ତାହା ଭୁଲ ଦିଗରେ ରଖାଯାଏ ତେବେ ସେମାନେ ଦାରିଦ୍ର୍ୟ ସୃଷ୍ଟି କରନ୍ତି । ଏମିତିରେ ସମସ୍ତଙ୍କ ଘର ବାହାରେ ତୁଳସୀ ଗଛ ତ ରହିଥାଏ । କିନ୍ତୁ ବାସ୍ତୁ ଶାସ୍ତ୍ର ଅନୁସାରେ ଏହି ଗଛ ପାଖରେ କିଛି ନିର୍ଦ୍ଦିଷ୍ଟ ଗଛ ରଖିବାକୁ ବାରଣ କରାଯାଇଛି । ଏହାସହ କିଛି କାମ କରିବାକୁ ଏଠାରେ ମଧ୍ୟ ବାରଣ କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରର ସଠିକ ଦିଗରେ ଥିବା ଗଛ ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରାଇଥାନ୍ତି। ଯାହା ଘରେ ସଫଳତା, ପ୍ରଗତି ଏବଂ ସମୃଦ୍ଧି ଆଣିଥାଏ । ତୁଳସୀ ଗଛ, କେବଳ ଏକ ଔଷଧୀୟ ଉଦ୍ଭିଦ ଭାବେ କାର୍ଯ୍ୟ କରିନଥାଏ। ଏହା ଦ୍ୱାରା ଘରେ ଆସୁଥିବା ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ହିନ୍ଦୁ ଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ଧରାଯାଏ । ତୁଳସୀଙ୍କ ପୂଜା କରାଯିବାବେଳେ ତାଙ୍କ ମନ୍ତ୍ର ପଢ଼ିପାରିବେ। ତାହା ହେଉଛି-ତୁଳସୀ ତ୍ୱଂ ଜଗତମାତା ତୁଳସୀ ତ୍ୱଂ ଜଗତପିତା। ତୁଳସୀ ତ୍ୱଂ ଜଗଦ୍ଧାତ୍ରୀ ତୁଳସାୟୈ ନମୋନମଃ। ତ୍ୱତ୍‌ଜଳେ ସର୍ବତୀର୍ଥାନି ତବାଙ୍ଗେ ସର୍ବଦେବତା । ତ୍ୱଦ୍ପଦେ ସର୍ବଯଜ୍ଞାଶ୍ଚ ତୁଳସାୟୈ ନମୋନମଃ।। ଏମିତି କୁହାଯାଏ ଯେ ଯେଉଁ ଘରେ ତୁଳସୀ ଗଛ ଲାଗିଥାଏ ସେହି ଘରେ କେବେ ବି ସମସ୍ୟା ଆସିନଥାଏ। ତୁଳସୀ ଗଛ ପାଖରେ ଭୁଲରେ ମଧ୍ୟ କେବେ ବି ଓଦା କପଡା ଶୁଖାଇବା ଉଚିତ ନୁହେଁ। ଏହା ଦ୍ୱାରା ସକାରାତ୍ମକ ଉର୍ଜାର ହାନି ହେବାକୁ ଲାଗିଥାଏ ଏବଂ ମାତା ତୁଳସୀ ମଧ୍ୟ ବହୁତ କ୍ରୋଧିତ ହୋଇଥାନ୍ତି । ତୁଳସୀ ଗଛକୁ ସବୁ ସମୟରେ ପରିଷ୍କାର ରଖିବା ପାଇଁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ। ଏହି ଦିଗ ଉପରେ ଧ୍ୟାନ ନ ଦେଲେ ଅଶାନ୍ତି ଏବଂ ଧନ ଦୌଲତ ହ୍ରାସ ହେବାକୁ ଲାଗିଥାଏ। ଏଥିପାଇଁ ଏହି କଥା ଉପରେ ନିଶ୍ଚୟ ଧ୍ୟାନ ରଖନ୍ତୁ। କିଛି ଲୋକ ଏମିତି ଅଛନ୍ତି ଯେଉଁମାନେ ତୁଳସୀ ଗଛ ପାଖରେ ଗଣେଶ ମୂର୍ତ୍ତିକୁ ରଖି ଦିଅନ୍ତି, ଯାହା ବଡ ଭୁଲ ବୋଲି ବିବେଚନା କରାଯାଏ। ଏଥିପାଇଁ ଏମିତି ଆଦୌ କରିବା ଉଚିତ ନୁହେଁ। ଏହା ଦ୍ୱାରା ଘରେ ଦାରିଦ୍ର୍ୟ ପରିସ୍ଥିତି ଆସିଥାଏ । ତୁଳସୀ ଗଛ ପାଖରେ ଭୁଲରେ ମଧ୍ୟ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ। ଏମିତି କରିବାକୁ ବହୁତ ଅଶୁଭ ବୋଲି ଧରାଯାଏ। ବାସ୍ତୁ ଶାସ୍ତ୍ରରେ, ଏପରି କିଛି ଗଛ ରହିଛି ଯାହା କେବେ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ। କୁହାଯାଏ ଯେ ଏମିତି କରିବା ଦ୍ୱାରା ଦାରିଦ୍ର୍ୟ ଘରେ ଆସିବା ଆରମ୍ଭ କରେ, ତେବେ ଆସନ୍ତୁ ଜାଣିବା କେଉଁ ଗଛକୁ ଦକ୍ଷିଣ ଦିଗରେ ରଖିବା ଅନୁଚିତ ବୋଲି ବିବେଚନା କରାଯାଏ। - କଦଳୀ ଗଛକୁ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ। ଏହି ଦିଗରେ ଲଗାଯାଇଥିବା କଦଳୀ ଗଛ ଶୁଭ ବୋଲି ବିବେଚନା କରାଯାଏ ନାହିଁ । କୁହାଯାଏ ଯେ ଏହା ଉଦ୍ଦିଷ୍ଟ ଫଳାଫଳ ଦେଇନଥାଏ। ଯଦି ଆପଣ କଦଳୀ ଗଛ ଲଗାଇବାକୁ ଚାହୁଁଛନ୍ତି, ତେବେ ଏହା ପୂର୍ବ କିମ୍ବା ଉତ୍ତର ଦିଗରେ ଲଗାଇପାରିବ । - ତୁଳସୀକୁ ମଧ୍ୟ ଦକ୍ଷିଣ ଦିଗରେ ଲଗାଯାଏ ନାହିଁ। ମାତା ଲକ୍ଷ୍ମୀ ତୁଳସୀରେ ରୁହନ୍ତି ବୋଲି କୁହାଯାଏ। ଦକ୍ଷିଣ ଦିଗରେ ତୁଳସୀ ଗଛ ଲଗାଇଲେ ସେ କ୍ରୋଧିତ ହୁଅନ୍ତି । ଗୃହର ସଦସ୍ୟମାନଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗେ। ତୁଳସୀ ଗଛ ଲଗାଇବା ପାଇଁ ପୂର୍ବ ଦିଗକୁ ସର୍ବୋତ୍ତମ ଦିଗ ଭାବରେ ବିବେଚନା କରାଯାଏ । ଏହା ବ୍ୟତୀତ ଆପଣ ଉତ୍ତର ଦିଗରେ ଏହାକୁ ଲଗାଇ ପାରିବେ । - ଶାସ୍ତ୍ର ଅନୁଯାୟୀ ଶମି ଗଛ ଶନି ଦେବଙ୍କ ଅତ୍ୟନ୍ତ ପ୍ରିୟ। ଶମି ଗଛ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ । ଦକ୍ଷିଣ ଦିଗରେ ଶମି ଗଛ ଲଗାଇଲେ ଶନି ଦେବଙ୍କ କ୍ରୋଧର ସାମ୍ନା କରିବାକୁ ପଡିବ । ଏହାକୁ ପୂର୍ବ କିମ୍ବା ଉତ୍ତର ପୂର୍ବରେ ଲଗାଇପାରିବେ। ଶାସ୍ତ୍ର ଅନୁଯାୟୀ ମନି ପ୍ଲାଣ୍ଟକୁ ଦକ୍ଷିଣ ଦିଗରେ ରଖନ୍ତୁ ନାହିଁ। ଏହି ଦିଗରେ ରଖାଯାଇଥିବା ମନି ପ୍ଲାଣ୍ଟ ଅର୍ଥ ହରାଇଥାଏ, ଯେଉଁ କାରଣରୁ ଘରେ ଅର୍ଥନୈତିକ ସଙ୍କଟ ଆସିଥାଏ । ଏହାକୁ ଉତ୍ତର ଦିଗରେ ଲଗାଇପାରିବେ ।



## ଅନନ୍ୟ ପ୍ରେମ

# ରାଧା-କୃଷ୍ଣ

**କୃଷ୍ଣ କହିଥିଲେ ତାଙ୍କ ପରମଭକ୍ତଙ୍କ ପାଦଧୁଆ ଜଳକୁ ଯଦି ସେ ଗ୍ରହଣ କରିବେ ତେବେ ସୁସ୍ଥ ହୋଇଯିବେ। ମାତ୍ର ଗୋପୀମାନେ ଭୟରେ ନିଜ ପାଦଧୁଆ ପାଣି ଦେବାକୁ ରାଜି ହୋଇନଥିଲେ।**



ଭଗବାନ ଶ୍ରୀକୃଷ୍ଣଙ୍କ ବିବାହ ରାଧାଙ୍କ ସହ ହୋଇନଥିଲେ ମଧ୍ୟ ଆଜି ବି କୃଷ୍ଣଙ୍କ ପ୍ରେମିକା ଭାବେ ରାଧାଙ୍କୁ ହିଁ ମନେ ପକାଯାଉଛି। ଲୋକମାନେ ଏବେ ବି ରାଧାକୃଷ୍ଣଙ୍କ ପ୍ରେମର ଉଦାହରଣ ଦେଇଥାନ୍ତି। ରାଧାଙ୍କୁ କୃଷ୍ଣଙ୍କ ଆତ୍ମା କୁହାଯାଏ। ଏଣୁ ଭଗବାନ ଶ୍ରୀକୃଷ୍ଣଙ୍କୁ ରାଧାରମଣ ମଧ୍ୟ କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଗୋଟିଏ ସମୟରେ ଶ୍ରୀକୃଷ୍ଣଙ୍କୁ ରାଧାଙ୍କ ଚରଣାମୃତ ବା ପାଦଧୁଆ ପାଣି ପିଇବାକୁ ପଡ଼ିଥିଲା। ଆସନ୍ତୁ ଜାଣିବା ଏହା ପଛରେ କ'ଣ ଥିଲା ରହସ୍ୟ ? ଥରେ ଶ୍ରୀକୃଷ୍ଣ ଅସୁସ୍ଥ ହୋଇପଡ଼ିଥିଲେ। କୌଣସି ଔଷଧ କିମ୍ବା ଜଡ଼ିବୁଟି କାମରେ ନ ଆସିବାରୁ ସ୍ୱୟଂ ଶ୍ରୀକୃଷ୍ଣ ଗୋପୀଙ୍କୁ ତାଙ୍କ ପାଦଧୁଆ ପାଣି ପିଆଇବାକୁ କହିଥିଲେ। କୃଷ୍ଣ କହିଥିଲେ ତାଙ୍କ ପରମଭକ୍ତଙ୍କ ପାଦ ଧୁଆ ଜଳକୁ ଯଦି ସେ ଗ୍ରହଣ କରିବେ ତେବେ ସୁସ୍ଥ ହୋଇଯିବେ। ମାତ୍ର ଗୋପୀମାନେ ଭୟରେ ନିଜ ପାଦଧୁଆ ପାଣି ଦେବାକୁ ରାଜି ହୋଇନଥିଲେ। ଯଦି କୃଷ୍ଣ ସୁସ୍ଥ ନ ହୁଅନ୍ତି ତେବେ ସେମାନେ ନରକ ଭୋଗିପାରନ୍ତି ବୋଲି ଚିନ୍ତା କରିଥିଲେ। ଏଣୁ କେହି ପାଦଧୁଆ ପାଣି ଦେଲେନାହିଁ। ଏହି ସମୟରେ ରାଧା ଆସି କିଛି ନ ଭାବି ନ ଚିନ୍ତି ନିଜ ପାଦ ଧୋଇ ସେହି ପାଣି ନେଇ କୃଷ୍ଣଙ୍କୁ ପିଆଇ ଦେଇଥିଲେ। ଅନ୍ୟମାନେ ରାଧା ନରକକୁ ଯିବେ ବୋଲି ଭାବୁଥିବା ବେଳେ ରାଧା କିନ୍ତୁ ନିଜ ପ୍ରାଣପ୍ରିୟଙ୍କ ପାଇଁ ନରକ ଭୋଗିବାକୁ ବି ପ୍ରସ୍ତୁତ ଥିଲେ। ତେବେ ରାଧାଙ୍କ ଏହି ଭକ୍ତି ଯୋଗୁ କୃଷ୍ଣ ସୁସ୍ଥ ହୋଇଯାଇଥିଲେ। ସେବେ ଠାରୁ ରାଧାଙ୍କୁ କୃଷ୍ଣଙ୍କ ଆତ୍ମା ବୋଲି କୁହାଯାଉଛି।

## 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଡାବୁଗାଁ,(ନିପ୍ର): ରାଜ୍ୟରେ ଲୋକଙ୍କ ସରକାରଙ୍କର ସଫଳତାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଡାବୁଗାଁ ବ୍ଲକ ଠାରେ ଆୟୋଜିତ ବ୍ଲକ ସ୍ତରୀୟ ସମ୍ମିଳନୀରେ ମାନ୍ୟବର ଜିଲ୍ଲା ଯୋଜନା ବଡ଼ ଅଧକ୍ଷା ତଥା ନବରଙ୍ଗପୁର ବିଧାୟିକା ଗୌରୀ ଶଙ୍କର ମାଝୀ ଏବଂ ଡାବୁଗାଁ ବିଧାୟକ ମୋନହର




ରନ୍ଧାରୀ ଯୋଗଦେଇଥିଲେ । ଏହି ଅବସରରେ ଡବଲ ଇଞ୍ଜିନ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଶିଳ୍ପାୟନ ଓ ନିଯୁକ୍ତି ଆଦି କ୍ଷେତ୍ରରେ ରାଜ୍ୟ ତଥା ଜିଲ୍ଲା ଏବଂ ବ୍ଲକ ଗୁଡ଼ିକର ବିକାଶ ପାଇଁ ନିଆଯାଇଥିବା ଅନେକ ଲୋକାଭିମୁଖୀ ପଦକ୍ଷେପ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହା ସହିତ କୃଷିର ବିକାଶ, ମହିଳା ସଶକ୍ତୀକରଣ, ପର୍ଯ୍ୟଟନର ପ୍ରସାର ଏବଂ ସାମାଜିକ ସୁରକ୍ଷାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କଥା ଉଲ୍ଲେଖ କଲେ ଯୋଜନା ବଡ଼ ଅଧକ୍ଷ ଶ୍ରୀ ମାଝୀ । ବିଗତ ଦୁଇ ବର୍ଷର ଏହି ସଫଳ ଯାତ୍ରା କେବଳ ବିକାଶର ଚିତ୍ର ନୁହେଁ, ବରଂ ଜନବିଶ୍ୱାସ ଓ ଜନଭାଗିଦାରୀର ପ୍ରତିଫଳନ ଅଟେ । ଆଗାମୀ ଦିନରେ ମଧ ଆମ ଜିଲ୍ଲା ସମେତ ସମଗ୍ର ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ସେ କହିଥିଲେ । ଏହି ଅବସରରେ ଡାବୁଗାଁ ବିଡ଼ିଓ ସମୀର ପାତ୍ର ଏବଂ ବ୍ଲକ ସ୍ତରୀୟ କର୍ମଚାରୀଙ୍କ ଉପସ୍ଥିତିରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ରାସନ କାର୍ଡ, ଆୟୁଷ୍ମାନ କାର୍ଡ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ଅଙ୍ଗନବାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ, ଏବଂ ବରିଷ୍ଠ, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଭତ୍ତା ବଣ୍ଟନ କଲେ ।

## ଗଜପତିରେ ଖୋଲିଲା ସ୍କୁଲ୍, ପ୍ରଥମ ଦିନରେ ଉପସ୍ଥାନ କମ୍

ପାରଳାଖେମୁଣ୍ଡି,(ନିପ୍ର): ଦେଢ଼ମାସ ଧରି ଖରାଛୁଟି ପରେ ଗଜପତି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଖୋଲିଛି । ଦୀର୍ଘଦିନ ପରେ ସ୍କୁଲ୍ ଖୋଲିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ନୂତନ ଶ୍ରେଣୀରେ ପାଠପଢ଼ା ଆରମ୍ଭ କରିବା ସହ ସହପାଠୀ ଓ ଶିକ୍ଷକଙ୍କ ସହ ବହୁଦିନ ପରେ ସାକ୍ଷାତ ସେମାନଙ୍କ ମନରେ ଖୁସି ଭରି ଦେଇଥିଲା । ତେବେ ପ୍ରଥମ ଦିନରେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାନୁରୂପ ନଥିଲା । ଅନେକ ଶ୍ରେଣୀଗୃହରେ ପିଲାଙ୍କ ସଂଖ୍ୟା ଢେର୍ କମ୍ ଥିଲା । ଛୁଟି ପରେ ବିଦ୍ୟାଳୟ ଖୋଲିଥିବାରୁ ଉପସ୍ଥାନ କମ୍ ରହିଥିବା ଶିକ୍ଷକମାନେ କହିଛନ୍ତି । ଆସନ୍ତା କିଛି ଦିନ ମଧ୍ୟରେ ଉପସ୍ଥାନ ସ୍ୱାଭାବିକ



ହୋଇଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ଆଶା ପ୍ରକଟ କରିଛନ୍ତି । ଦୀର୍ଘଦିନର ବିରତି ପରେ ବିଦ୍ୟାଳୟ ପରିସର ପୁଣିଥରେ ଛାତ୍ରଛାତ୍ରୀଙ୍କ କୋଳାହଳରେ ଚଳଚଞ୍ଚଳ ହୋଇଉଠିଛି । ଅନ୍ୟପକ୍ଷରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ସଫାସୁତରା, ଶ୍ରେଣୀଗୃହର ମରାମତି, ପାନୀୟଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା ।

## 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,(ନିପ୍ର): ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜାତି ଜନଜାତି ସମ୍ବାଦ ବୈଠକ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । କୃଷ୍ଣପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ ଯୋଗଦେଇ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିଥିବା କୃଷ୍ଣପ୍ରସାଦ ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡ଼ିକର ପୁନଃରୁଦ୍ଧାର ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଉନ୍ନତି ନିମନ୍ତେ ୨ଶହ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହେବା ସେ କହିଥିଲେ । କୃଷ୍ଣପ୍ରସାଦ ବିଡ଼ିଓ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧାର ସଦୁପଯୋଗ ନିମନ୍ତେ ଉପଦେଶ ଦେଇଥିଲେ ।

## ସ୍ୱଚ୍ଛ ଭାରତ ଅଭିଯାନ

ଗୋଲାମୁଣ୍ଡା,(ନିପ୍ର): ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଜୁନ ୨୧ ତାରିଖରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସକୁ ଦୃଷ୍ଟିରେ ରଖି ବିଜୁ କଲ୍ୟାଣ ମଣ୍ଡପ ପରିସରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଏହି ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ସର୍ବମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ନବିନ ମେହେର ଓ ଅଧ୍ୟାପକ ନବକିଶୋର ସାହୁ, ସରକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ସି ଡି ପି ଓ ପ୍ରମିଳା ମଞ୍ଜରୀ ପ୍ରଧାନଙ୍କ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସକ୍ରିୟ ଭାବେ ଯୋଗଦେଇଥିଲେ ।

# ରକ୍ତଭଣ୍ଡାର ବନ୍ଦ : ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଧର୍ମଗଡ଼,(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ବନ୍ଦ ହୋଇଯାଇଥିବା ଘଟଣାକୁ ନେଇ ଧର୍ମଗଡ଼ ଅଲ୍ ଓଡ଼ିଶା ସିଡୁଲକାଷ୍ଟ ଫେଡରେସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।
ଏହି ଖବର ପ୍ରଚାରପ୍ରସାର ହେବ ପରେ ଏବେ ସାଧାରଣ ଲୋକଙ୍କ ମନରେ ଗଭୀର କ୍ଷୋଭ ସୃଷ୍ଟି କରିଛି । ଯେଉଁ ରକ୍ତଭଣ୍ଡାର ଦୀର୍ଘ ବର୍ଷ ଧରି ପଶ୍ଚିମ ଓଡିଶା କଳାହାଣ୍ଡିର ହଜାର ହଜାର ଲୋକଙ୍କ ପାଇଁ ଜୀବନରକ୍ଷାର ଏକମାତ୍ର ଆଶ୍ରୟ ଥିଲା, ସେହି ସେବାକୁ ଏବେ 'ଆବଶ୍ୟକ ଭିତ୍ତିଭୂମିର ଅଭାବ' ଦର୍ଶାଇ ବନ୍ଦ କରାଯାଇଛି ।
ପ୍ରଶ୍ନ ହେଉଛି, ଏହି ଭିତ୍ତିଭୂମିର ଅଭାବ କ'ଣ ରାତାରାତି ସୃଷ୍ଟି ହେଲା, ନା ଦୀର୍ଘ ବର୍ଷ ଧରି ଚାଲିଥିବା ଅବହେଳାର ଫଳ ଲୋକଙ୍କ ଜୀବନ ସହ ଖେଳୁଛି ? ସରକାରୀ ନିରୀକ୍ଷଣରେ ଭବନର ଗଠନଗତ ତ୍ରୁଟି, ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଓ କିଛି ଆବଶ୍ୟକ କାଗଜପତ୍ରର ତ୍ରୁଟି ଧରାପଡ଼ିବା ପରେ ରକ୍ତଭଣ୍ଡାରର



ନିୟମିତ କାର୍ଯ୍ୟ ବନ୍ଦ କରାଯାଇଛି । ଏହା ନିଶ୍ଚିତ ଭାବେ ସୁରକ୍ଷା ଦୃଷ୍ଟିରୁ ଜରୁରୀ ପଦକ୍ଷେପ ହୋଇପାରେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଲା, ଯେଉଁ ସମସ୍ୟାଗୁଡ଼ିକ ହଠାତ୍ ଚିହ୍ନଟ ହେଲା, ସେଗୁଡ଼ିକ କି ଗତ କିଛି ବର୍ଷ ଧରି କେହି ଦେଖି ପାରିନଥିଲେ ? ନା କି ନିରୀକ୍ଷଣ ହେଲେ ମାତ୍ର ଦାୟିତ୍ୱବୋଧ ଜାଗ୍ରତ ହୁଏ ? ଏପରି ମର୍ମରେ ସାଧାରଣରେ ଆଲୋଚନା ହୋଇଛି । ଧର୍ମଗଡ଼, ଜୟପାଟଣା, କୋକସରା, କଲମପୁର, ଗୋଲାମୁଣ୍ଡା ସହ ନୂଆପଡ଼ା, ନବରଙ୍ଗପୁର ଏବଂ ଛତିଶଗଡ଼ ସୀମାନ୍ତ ଅଞ୍ଚଳର ଲୋକେ ଏହି ଚିକିତ୍ସାଳୟ ଉପରେ ନିର୍ଭରଶୀଳ । ପ୍ରସବ ସମୟରେ ରକ୍ତ ଦରକାର ହେଉ, ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ରୋଗୀ ହେଉ କିମ୍ବା ଥାଲାସେମିଆ ରୋଗୀ, ସମସ୍ତଙ୍କ ପାଇଁ ରକ୍ତଭଣ୍ଡାର ଏକ ଜରୁରୀ ସେବା । ଏବେ ସେମାନଙ୍କୁ ଭବାନୀପାଟଣା କିମ୍ବା ଅନ୍ୟ ସହରକୁ ଦୌଡ଼ିବାକୁ ପଡୁଛି । ସ୍ୱାସ୍ଥ୍ୟ ବ୍ୟବସ୍ଥାର ହିସାବରେ ରୋଗୀଙ୍କ ଦୁର୍ଦ୍ଦଶା ପ୍ରତି ଉଚ୍ଚକର୍ତ୍ତୃପକ୍ଷ ବିଚାରକୁ ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ୨୯ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା

ପୁରୀ,(ନିପ୍ର): ୨୯ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା । ଏହା ପରେ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ । ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ପୁରୀ ବାସିନ୍ଦା, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅପରାଧ ନିୟନ୍ତ୍ରଣ ଉପରେ ଏବେ ପୋଲିସ୍‌ର ମୂଳ ଲକ୍ଷ୍ୟ । ଶୃଙ୍ଖଳିତ ଓ ଅପରାଧ ମୁକ୍ତ ରଥଯାତ୍ରା କରିବା ପାଇଁ ପୁରୀ ପୋଲିସ୍ ପକ୍ଷରୁ ଅପରେସନ କ୍ଲିନ୍ ଆରମ୍ଭ ହୋଇଛି । ପୁରୀ ସହରାଞ୍ଚଳରେ କୌଣସି



ଅପରାଧି ରଥଯାତ୍ରା ସମୟରେ ବାହାରେ ରହିପାରିବେ ନାହିଁ । ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ସେମାନଙ୍କୁ ବାନ୍ଧି ଜେଲ ପଠାଇବାର ଯୋଜନା ପ୍ରତିବର୍ଷ ପୁରୀ ପୋଲିସ୍ ପକ୍ଷରୁ କରାଯାଇଥାଏ । ଏହି କ୍ରମରେ ପୁରୀ ପୋଲିସ୍ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ କ୍ଲିନ୍ ଜରିଆରେ ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ପୋଲିସ୍ ୨୩ ଜଣ ଅପରାଧିଙ୍କୁ ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଛି ।
ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୧୫ ତାରିଖ ଯାଏ ପୁରୀ ସହରାଞ୍ଚଳରୁ ମୋଟ ୩୦୭ ଜଣ ଅପରାଧିଙ୍କୁ ଗିରଫ କରାଯାଇଛି । କଫ୍ ସିରଫ ବିକ୍ରି ଅଭିଯୋଗରେ ୧୯ ଟି ମାମଲା ରୁଜୁ କରାଯାଇ ୨୯ ଜଣଙ୍କୁ ଗିରଫ କରାଯାଇଛି । ସର୍ବସାଧରଣ ସ୍ଥାନରେ ମଦ୍ୟପାନ ଅଭିଯୋଗକୁ ନେଇ ୬୨୩ ମାମଲା ରୁଜୁ ହୋଇଛି । ବ୍ରାଉନ ସୁଗାରକୁ ନେଇ ୧୪ ଟି ମାମଲାରେ ୨୮ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ବେଆଇନ୍ ମଦ ବିକ୍ରି ଅଭିଯୋଗ ରେ ୩୫୦ ମାମଲା ରୁଜୁ ହୋଇଛି । ରଥଯାତ୍ରା ସମୟରେ ଏକ ସୁରକ୍ଷା ବଳୟରେ ପୁରୀ ସହରକୁ ରଖିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ପୁରୀ ଏସପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆଗାମୀ ରଥଯାତ୍ରା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଛି ରଥାଯାତ୍ରାକୁ ଅପରାଧ ମୁକ୍ତ, ଅଘଟଣ ମୁକ୍ତ କରିବା । ଏଥିପାଇଁ ଅପରେସନ କ୍ଲିନ୍ ନାମରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି ।

## ବିଭିନ୍ନ ଶୈବପୀଠରେ ଶିବପାର୍ବତୀଙ୍କ ବିବାହ

**ପୁରୀ,(ନିପ୍ର):** ପୁରୀ ସହରରେ ଥିବା ସମସ୍ତ ଶିବ ମନ୍ଦିର ଗୁଡିକରେ ମହାଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବା ପରେ ଗତକାଲି ନଗର ପରିକ୍ରମା ଓ ସିଂହ ଦ୍ୱାର ଠାରେ ଜମ୍ବେଶ୍ୱର ଦୋହଲ ଅନୁଷ୍ଠିତ ହୋଇଥିଲା, ପଞ୍ଚୁ ପାଣ୍ଡବଙ୍କ ସହ ଅନ୍ୟାନ୍ୟ ଶିବ ଦମ୍ପତି ବିଭିନ୍ନ ସାହିକୁ ଯାଇ ପାନ୍ତିଭୋଗ ଖାଇଥିଲେ । ଏଥିପାଇଁ ବିଭିନ୍ନ ସାହିରେ ଶିବ ଦମ୍ପତିଙ୍କୁ ସ୍ୱାଗତ କରିବା ପାଇଁ ନିଜ ନିଜ ମଣ୍ଡପ ଠାରେ ସମସ୍ତ ପ୍ରସ୍ତୁତି କରାଯାଇ ଥିଲା । ମୁକୁନ୍ଦ ମିଶ୍ର ନଗର, ସର୍ବୋଦୟ ନଗର, ଗୁଣ୍ଡିଚା ବିହାର ଓ ସହରର ବିଭିନ୍ନ ସାହି ଚଳଚଞ୍ଚଳ ହୋଇ ଉଠିଥିଲା ।
**ଆଠଗଡ଼:** ଆଠଗଡ଼ ସହର ତଥା ଆଖପାଖ ଶୈବପୀଠରେ ଶୀତଳଷଷ୍ଠୀ ଅବସରରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଆଧ୍ୟାତ୍ମିକ ପରିବେଶରେ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ସହର ନିକଟସ୍ଥ ରାଧାଗୋବିନ୍ଦପୁର ରାମେଶ୍ୱର ମନ୍ଦିରରେ ବରପକ୍ଷ ପକ୍ଷରୁ ମାତାପିତା ଭାବରେ ବିଜୟଲକ୍ଷ୍ମୀ ମିଶ୍ର ଓ ସୌଭାଗ୍ୟ ରଂଜନ ପଣ୍ଡା ସେହିପରି କନ୍ୟା ମାତାପିତା ଭାବରେ ମଧୁସ୍ମିତା ସାହୁ ଓ ବନବିହାରୀ ସାହୁ ବିବାହ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଆଠଗଡ଼ ସହର ପରିସରରେ ଥିବା କାଶୀ ବିଶ୍ୱନାଥ ମନ୍ଦିରରେ ବର ମାତାପିତା ଭାବରେ ସିପ୍ରା ଦାଶ ଓ ଅରୂପ ଦାଶ ଏବଂ କନ୍ୟା ମାତାପିତା ଭାବରେ ସୁଜାତା ରଥ ଓ ପ୍ରଦୀପ ରଥ ଶିବପାର୍ବତୀଙ୍କ ବିବାହ ଦାୟିତ୍ୱ ନିର୍ବାହ କରିଥିଲେ । ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଉଭୟ ମନ୍ଦିରରେ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ବାଣ ,ବାଜା ସହ ନଗର ପରିକ୍ରମା ସହ ମନ୍ଦିର ଫେରିବା ପରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଆଠଗଡ଼ର ଅନ୍ୟାନ୍ୟ ଶୈବପୀଠରେ ମଧ ଶୀତଳଷଷ୍ଠୀ ଅବସରରେ ଶିବପାର୍ବତୀଙ୍କ ବିବାହ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।
**ନିରାକାରପୁର :** ଖୋର୍ଦ୍ଧା ଜିଲ୍ଲା ବାରଘରପାଟଣା ଗ୍ରାମ ଶିବ ମନ୍ଦିର ପରିସରରେ ପବିତ୍ର ଶିବ-ପାର୍ବତୀ ବିବାହ ଉତ୍ସବ ବେଶ୍ ଜାକଜମକରେ ସମ୍ପନ୍ନ ହୋଇଯାଇଛି । ଶୁକ୍ରବାର ଆୟୋଜିତ ଏହି ଦେବ ବିବାହ ମହୋତ୍ସବରେ ପ୍ରଭୁ ଶିବ ଶଙ୍କରଙ୍କୁ ସୁସଜ୍ଜିତ ବରବେଶରେ ଗ୍ରାମବାସୀମାନେ ବରଣ କରିଥିଲେ । ଏହାପରେ ପାରମ୍ପରିକ ବାଜା, ରୋଷଣୀ, ବାଣ ଓ ରଙ୍ଗାରଙ୍ଗ ଆଲୋକମାଳା ସହ ଏକ ଭବ୍ୟ ଶୋଭାଯାତ୍ରାରେ ମହାଦେବଙ୍କୁ ସମଗ୍ର ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ଅଣାଯାଇଥିଲା ।
**ଖଣ୍ଡପଡା :** ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଖଣ୍ଡପଡା ବ୍ଲକ ଅଧୀନ ସମସ୍ତ ଗ୍ରାମରେ ଅବସ୍ଥିତ ପ୍ରମୁଖ ଶୈବପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଓ ବେଣାଗାଡିଆ ଗ୍ରାମସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ,ବୋଦସା ଗ୍ରାମର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ରୟତି ଡୋଳମରା ଗ୍ରାମସ୍ଥିତ ଶ୍ରୀ ହଟ୍ଟକେଶର ଦେବଙ୍କ ପୀଠ ସମେତ ଖଣ୍ଡପଡା ସହରର ୫ ଟି ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତି ନୀତି ଅନୁସାରେ ସମ୍ପନ୍ନ ହୋଇଥିବା ଜଣାଯାଇଛି ।ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ପ୍ରଚଳିତ ପ୍ରଥାନୁଯାୟୀ ଖଣ୍ଡପଡା ସହରର ବଡ ଦାଣ୍ଡରେ ୫ ଶମ୍ଭୁଙ୍କର ମିଳନ ପର୍ବ ବିଳମ୍ବିତ ରାତିରେ ଅନୁଷ୍ଠିତ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ଶେଷ ହୋଇଥିବା ସୂଚନା ମିଳିଛି ।

## ବ୍ଲକସ୍ତରୀୟ କୃଷକ ସମ୍ବାଦ ଓ କର୍ମଶାଳା

କାଶୀନଗର,(ନିପ): ଓଡିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ପରିସରରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ବ୍ଲକ ସ୍ତରୀୟ କୃଷକ ସମ୍ବାଦ ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ବିଷୟକୁ ନେଇ ଆୟୋଜିତ



ଏହି ବୈଠକରେ ବ୍ଲକ ଅଧକ୍ଷା ବାଲା ସାଇମ୍ମା ଅଧକ୍ଷତା କରିଥିଲେ । ବୈଠକରେ ବିଡିଓ ଡ଼ମ୍ବୁରୁ ଧର ମଲ୍ଲିକ,ଜିଲ୍ଲା କୃଷି ଅଧିକାରୀ ଏମ ପ୍ରକାଶ ରାଓ, ବ୍ଲକ କୃଷି ଅଧିକାରୀ ସଂଘ ମିତ୍ରା ପ୍ରଧାନ, ସାଂସଦ ପ୍ରତିନିଧି ଆର.ସତୀଶ ଓ ଜିଲ୍ଲା ପରିଷଦ ସଦସ୍ୟ ଆର ରାଜଲକ୍ଷ୍ମୀ ମଂଚାସୀନ ହୋଇ କୃଷିର ଉନ୍ନତ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ପ୍ରାକୃତିକ କୃଷିର ଉପକାରିତା, ରାସାୟନିକ ସାର ଓ କୀଟ ନାଶକ ଔଷଧର ବିକଳ୍ପ ବ୍ୟବହାର, ଜୈବିକ ଚାଷ,ଜଳ ସଂରକ୍ଷଣ କରିବା ସହ ପ୍ରାକୃତିକ କୃଷି ମାଧ୍ୟମରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା । ମତ୍ସ୍ୟ ଚାଷ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ମାଛ ଚାଷ ପାଇଁ ଆସିଥିବା ସରକାରୀ ଯୋଜନା ବିଷୟରେ କହିଥିବା ବେଳେ ପଶୁପାଳନ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଡ଼ଃ ଆକାଶ କୁମାର ପଣ୍ଡା ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସଫଳ ଓ ପ୍ରଗତିଶୀଳ କୃଷକ ମାନେ ନିଜ ଅନୁଭୂତି ବାଣ୍ଟି ଉପସ୍ଥିତ ଥିବା ଅନ୍ୟ କୃଷକମାନଙ୍କୁ ନୂତନ କୃଷି ପଦ୍ଧତି ଆପଣେଇବା ପାଇଁ ଉତ୍ସହିତ କରିଥିଲେ । କାର୍ଯ୍ୟକ୍ରମରେ କାଶୀନଗର ପଶୁ ଡାକ୍ତର ଡ଼ଃ କାହ୍ନୁ ଚରଣ ସାହୁ,ସହକାରୀ କୃଷି ଯନ୍ତ୍ରୀ ଅଧିକାରୀ ଭବାନୀ ଶଙ୍କର ଦାଶ,ସାର ଯୋଜନା ଅଧିକାରୀ ଯୋଗ ଦେଇଥିଲେ ।

# ସ୍କୁଲ ଫଣ୍ଡ ଅନିୟମିତତା ଅଭିଯୋଗ, ଥାନା ଘେରାଉ କଲେ ଛାତ୍ରଛାତ୍ରୀ

ଭାପୁର,(ନିପ୍ର): ରାଜ୍ୟର ବିଦ୍ୟାଳୟଗୁଡିକ ଗ୍ରୀଷ୍ମ କାଳୀନ ଛୁଟି ହେବା ବର୍ତ୍ତମାନ ଖୋଲିଛି । କିନ୍ତୁ, ଭାପୁର ବ୍ଲକରେ ବିଦ୍ୟାଳୟ ଫଣ୍ଡର ଆର୍ଥିକ ଅନିୟମିତତା ନେଇ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇ




ଫତେଗଡ଼ ଥାନାରେ ଘଟଣା ପହଞ୍ଚିଛି । ଘଟଣାରୁ ପ୍ରକାଶ, ଭାପୁର ଶିକ୍ଷାମଣ୍ଡଳ ଅଧୀନ ପିଠାଖାଇ ଗ୍ରାମରେ ଅବସ୍ଥିତ ସରକାରୀ ୟୁପିଏସ ମାଣିକିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବେହେରା ବିଦ୍ୟାଳୟ ସଭାପତିଙ୍କୁ ନ ପଚାରି ଉନ୍ନତିକରଣ କାର୍ଯ୍ୟ କରୁଥିବାରୁ ସଭାପତିଙ୍କୁ ଆର୍ଥିକ ହିସାବ ଦେଉ ନ ଥିବାରୁ ଅଭିଯୋଗ ହୋଇଥିଲା । ଏହାକୁ ନେଇ ଶୁକ୍ରବାର ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହିତ ପ୍ରଧାନଶିକ୍ଷକ ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟ ଏବଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବିଦ୍ୟାଳୟ ସଭାପତିଙ୍କ ସପକ୍ଷରେ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଉଚିତ ନ୍ୟାୟ ପାଇଁ ଫତେଗଡ଼ ଥାନା ଘେରାଉ କରିଥିଲେ । ଘଟଣାସ୍ଥଳରେ ଶିକ୍ଷାମଣ୍ଡଳ ଅଧିକାରିଣୀ ମୋନାଲିସା ରଥ ପହଞ୍ଚି ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେବା ପରେ ଥାନା ଘେରାଉ ବନ୍ଦ କରି ଛାତ୍ରଛାତ୍ରୀମାନେ ଫେରିଥିଲେ । ଛାତ୍ରଛାତ୍ରୀମାନେ ଥାନା ଘେରାଉକୁ ନେଇ ବ୍ଲକର ଶିକ୍ଷାବିତଙ୍କ ମଧ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟି ଥିବାବେଳେ ଶିକ୍ଷାଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଭିଡ଼ହିଂସା ନେଇ କାର୍ଯ୍ୟାନୁଷ୍ଠାନ

ରାୟଗଡା,(ନି:ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଭିଡହିଂସା ଓ ବର୍ବରତା ଘଟଣାରେ ପୁଲିସ ବଡ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଘଟଣାକୁ ଅତି ଗମ୍ଭୀରତାର ସହ ନେଇ ଭିଡିଓ ଫୁଟେଜ୍ ଆଧାରରେ ୧୬ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି ରାୟଗଡା ପୁଲିସ । ବାହାର ରାଜ୍ୟର ଯୁବତୀଙ୍କୁ ପିଲା ଚୋର ଅଭିଯୋଗରେ ବିବସ୍ତ୍ର କରି ନିର୍ଯାତନା ଦିଆଯାଇଥିଲା । ଏହି ଘଟଣାରେ ପୁଲିସ ୩ଟି ମାମଲା ରୁଜୁ କରିଥିଲା, ପୀଡିତା ସମେତ ଅନ୍ୟ ଜଣେ ସାମାଜିକ କର୍ମୀଙ୍କୁ ମଧ୍ୟ ମାଡ ମାରିଥିଲେ ଉତ୍ୟକ୍ତ ଲୋକେ ।

## ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣା: ୪ ଗିରଫ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାରିଆପଲ୍ଲୀ ଗ୍ରାମରେ ଏକ ଜମିଜମା ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ଚାରି ଜଣଙ୍କୁ ଗିରଫ କରିଛି ଗୁରାଣ୍ଡି ପୋଲିସ । ସୂଚନା ପ୍ରକାରେ ଗୁରାଣ୍ଡି ଥାନାରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ବି.ଭାସ୍କର ରାଓ, ବି. ବାବୁରାଓ ଉଭୟେ ବାପପୁଅ ନିଜ ଜମିରେ କାର୍ଯ୍ୟ କରୁଥିବା ବେଳେ ସେହି ଗ୍ରାମର ବି.ଖଗେଶ୍ୱର ରାଓ, ବି. ଜ୍ଞାନେଶ୍ୱର ରାଓ, ବି. ତେଜଶ୍ୱର ରାଓ, ବି. ରାଙ୍ଗାରାଓ, ବି. ବାଲାରାଜୁ ଓ ଏନ୍. ମାଲେଶ୍ୱ ରାଓ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ଏମାନେ ଶାବଳ, କାତି, ଠେଙ୍ଗା ଭଳି ମାରନ୍ତାକ ଅସ୍ତ୍ରରେ ବି.ଭାସ୍କର ଏବଂ ବି. ବାବୁରାଓଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଉଭୟ ବାପପୁଅ ଗୁରୁତର ହୋଇପଡିଥିଲେ । ଏମାନଙ୍କ ମୁଣ୍ଡ ଓ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଥମେ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ତେବେ ଏଠାରେ ମଧ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଯୋଗୁଁ ଉଚ୍ଚ ଚିକିତ୍ସା ନିମନ୍ତେ ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସେମାନଙ୍କ ପରିବାର ବର୍ଗ ନେଇଥିବର ଜଣାଯାଇଛି । ମରଣାନ୍ତକ ଆକ୍ରମଣ ବେଳେ ସେଠାରେ ଉପସ୍ଥିତ ଥିବା ବି. ରବି କୁମାରଙ୍କ ସମେତ ଅନ୍ୟ ଜଣେ ମଧ ଆହତ ହୋଇଥିବାର ଜଣାଯାଇଛି । ଅନ୍ୟପକ୍ଷେ ଏହି ଗଣ୍ଡଗୋଳର କାରଣ ଜମିଜମାକୁ ନେଇ ହୋଇଥିବାର ଜଣାପଡିଛି । ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷ ଏବଂ ଆକ୍ରମଣ କରିଥିବା ସଭିଏଁ ଗୋଟିଏ ପରିବାରର ବୋଲି ଜଣାପଡିଛି । ତେବେ ଉଭୟ ପକ୍ଷରୁ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଛି ଏବଂ ଉଭୟ ପକ୍ଷର ମାମଲା ପୃଥକ ପୃଥକ ଭାବେ ଯଥା କ୍ରମେ ୯୪ଓ ୯୫/୨୦୨୬ ପଞ୍ଜିକୃତ ହୋଇଛି । ତେବେ ବାବୁରାଙ୍କ ଅଭିଯୋଗ ପ୍ରକାରେ ମରଣାନ୍ତକ ଆକ୍ରମଣ କରିଥିବା ୬ ଜଣ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାର ଗୁରାଣ୍ଡି ଥାନା ଏସ୍ଆଇ ଅମ୍ବିକା ବେଣିଆ ସୂଚନା ଦେଇଛନ୍ତି ।

## ଦକ୍ଷତା ଓ ବୈଷୟିକ ଶିକ୍ଷା ବୃଦ୍ଧି କାର୍ଯ୍ୟକ୍ରମ

କାଶୀନଗର,(ନିପ୍ର): କାଶୀନଗର ପଂଚାୟତ ସମିତି ସଦଭାବନା ଗୃହ ପରିସରରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମର ତୃତୀୟ ଦିବସରେ ଜିଲ୍ଲା ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ସହାୟତାରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧି ଓଡିଶା ସମାବେଶ ରାଜ୍ୟବ୍ୟାପୀ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇ କାଶୀନଗର ଅଞ୍ଚଳରେ କିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କିଲ ଡେଭଲପମେଣ୍ଟ ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦେବା ସହ ନିଜ ମତ ପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ଖାଦ୍ୟ ପ୍ରକ୍ରିୟା କରଣ ନୀତି ଯାହାକି କ୍ଷେତରୁ ବଜାରକୁ ମୂଲ୍ୟ ଯୋଡି ସମୃଦ୍ଧ ସୃଷ୍ଟି କରିବା ଓ ଖାଦ୍ୟ ପ୍ରକ୍ରିୟା ଉଦ୍ୟଗକୁ ସଶକ୍ତ କରିବା ସହ ମୂଲ୍ୟ ଯୁକ୍ତ ସାମଗ୍ରୀର ଉତ୍ପାଦନ ବଢେଇବା ଉଦେଶ୍ୟରେ ଆଲୋଚନା ହୋଇଥିଲା । ବିକଶିତ ଓଡିଶା ପାଇଁ ସଶକ୍ତ ଏମଏସଏମଇ ନୀତି ବିଷୟରେ ଗଜପତି ଜିଲ୍ଲା ରିସୋର୍ସ ପରସନ କାହ୍ନୁ ଚରଣ ସେଠୀ ନିଜ ବକ୍ତବ୍ୟରେ ସାଧାରଣ ଲୋକ ନିଜେ କିପରି ଉଦ୍ୟୋଗୀ ହୋଇ କିଛି ଲୋକଙ୍କୁ ରୋଜଗାରକ୍ଷମ କାରି ପାରି ନିଜର ସହ ରାଜ୍ୟର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିପାରି ଉଦ୍ୟୋଗର ବିକଶରେ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ରମେଶଚନ୍ଦ୍ର ପାଢ଼ୀ, ଏଆଇ ଓ ଅନମୋଲ ସେଠୀ ଉପସ୍ଥିତ ଥିଲେ । ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ କଲେଜ ଛାତ୍ର ଛାତ୍ରୀଙ୍କ ସହ ପ୍ରମୁଖ ଯୋଗ ଦେଉଥିଲେ ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

କେନ୍ଦ୍ରାପଡ଼ା,(ନିପ୍ର): -ଶିଶୁ ଶ୍ରମିକ ପ୍ରଥା ନିରାକରଣ,ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟର ପତାକା ଦେଖାଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ ।
ଏହି ଅବସରରେ ଜିଲ୍ଲାପାଳ ଆୟର କହିଥିଲେ ଯେ, ଶିଶୁ ଶ୍ରମିକ ପ୍ରଥା ସମାଜ ପାଇଁ ଏକ ଗୁରୁତର ସମସ୍ୟା । ପ୍ରତ୍ୟେକ ଶିଶୁର ଶିକ୍ଷା,ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ବିକାଶର ଅଧିକାର ରହିଛି । ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ନ କରି ସେମାନଙ୍କୁ ବିଦ୍ୟାଳୟମୁଖୀ କରିବା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂଙ୍କ ସମେତ




ଶ୍ରମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ମହମନସିଂ ଶିଶୁ ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥା ଏବଂ ଏହି ସଚେତନତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମ ପଞ୍ଚାୟତ ଏବଂ ବିଭିନ୍ନ ଜନବହୁଳ ସ୍ଥାନ ପରିକ୍ରମା କରିବ । ରଥ ମାଧ୍ୟମରେ ପ୍ରଚାର ସାମଗ୍ରୀ ଏବଂ ସଚେତନତାମୂଳକ ସନ୍ଦେଶ ଜରିଆରେ ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ, ଶିଶୁମାନଙ୍କର ମୌଳିକ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁ ଶ୍ରମିକ ନିୟୋଜନର ଆଇନଗତ ପରିଣାମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯିବ । ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥା ନିରାକରଣ ଦିଗରେ ଜନସାଧାରଣ, ନିଯୁକ୍ତିଦାତା, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଭିନ୍ନ ଅନୁଷ୍ଠାନର ସକ୍ରିୟ ସହଯୋଗ କାମନା କରାଯାଇଛି ।
ଏହି ସଚେତନତା ଅଭିଯାନ ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥା ହ୍ରାସ କରିବା ସହ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶିକ୍ଷାନୁଷ୍ଠାନକୂଳ ପରିବେଶ ସୃଷ୍ଟିରେ ସହାୟକ ହେବ ବୋଲି ଆଶା କରାଯାଇଛି ।

## ରାଜ୍ୟସ୍ତରୀୟ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ-୨୦୨୬

ନିମାପଡ଼ା, (ନି.ପ୍ର.): ସ୍ଥାନୀୟ ଏକ ମଣ୍ଡପ ପରିସରରେ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ-୨୦୨୬ ପାଳନ ଅବସରରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଭାପତି ଗଙ୍ଗାଧର ଓଝାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଅଂଚଳରୁ ୫୦ ଜଣ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ସଂଗୀତ ସର୍ଜନା କଳା ବିକାଶ କେନ୍ଦ୍ରର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା ।
ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧକ୍ଷ ଯୋଗେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା ମୁଖ୍ୟବକ୍ତା, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ବଂଶୀଧର ଷଡ଼ଙ୍ଗୀ ସମ୍ମାନିତ ଅତିଥି, ଡ଼ଃ ଦିଲ୍ଲୀପ ସେନାପତି ବ୍ୟଙ୍ଗ କବି, ସଂପଦ ରଥ, ଚିତ୍ରଶିଳ୍ପୀ ଶରତ ପ୍ରଧାନ, ସ୍ତମ୍ଭକାର ଲଳିତେନ୍ଦୁ ପଲାଉରି ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ । ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା କବି, ଲେଖକ, କଳାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଭାଗିରଥୀ ଓଝା, ସରସ୍ୱତୀ ମହାରଣା, କବିତା ନାୟକ, ଅଶୋକ ବେହେରା, ଭରତ ସାହୁ, ନିରୁପମା ପଣ୍ଡା, ଉପେନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ତିଥି :(ସପ୍ତମୀ): (ପୂର୍ବାଫାଃ ସିଂହ)
ଅମୃତ ବେଳା: ଦିବା ଘ ୬।୪୮ ଗତେ ଘ ୦୯।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ଏହି ଉଗ୍ରରୂପ ଦେଖି ତୁମେ ବ୍ୟଥିତ ହେବା ଅନୁଚିତ ଏବଂ ତୁମଠାରେ ମୂଢଭାବ ଆସିବା ମଧ୍ୟ ଅନୁଚିତ। ଏବେ ନିର୍ଭୟ ଓ ପ୍ରସନ୍ନ ମନରେ ତୁମେ ପୁନଶ୍ଚ ମୋର ଏହି ରୂପ ଭଲଭାବେ ଦର୍ଶନ କର।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରଭାବୀ ହେଉ ଫୁଟ୍‌ପାଥ ପରିଚାଳନା

୫ବର୍ଷର ପୁଅକୁ ଜଣେ ବ୍ୟକ୍ତି ଚଳାଇ ଚଳାଇ ବିଦ୍ୟାଳୟ ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ୟାଙ୍କର ଧକ୍‌କା ଦେବାରୁ ପିଲାଟିର ଅଣ୍ଟା ଠାରୁ ଆରମ୍ଭ କରି ତଳ ଭାଗ ଗୁରୁତର ହେଲା ଓ ପରେ ପିଲାଟିର ମୃତ୍ୟୁ ଘଟିଲା। ଏପରି ମୃତ୍ୟୁ ସହ ଜଡ଼ିତ ମୋଟରଯାନ ଦୁର୍ଘଟଣା ଦାବି ମାମଲାରେ ସୁପ୍ରିମକୋର୍ଟ ସଦ୍ୟ ରାୟରେ ସ୍ପଷ୍ଟ ଭାବରେ କହିଲେ, ସୁରକ୍ଷିତ ଫୁଟପାଥ ଚାଲିବା ଏକ ମୌଳିକ ଅଧିକାର। ମାମଲାଟି ନେଇ ଆହୁରି କହିଲେ, ଦୁର୍ଘଟଣା ଘଟିଥିବା ରାସ୍ତାରେ ଫୁଟପାଥ କିମ୍ବା ପଥଚାରୀ କ୍ରସିଂ ନ ଥିଲା। ତେଣୁ ନିରାପଦ ଫୁଟପାଥ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏପରି ଦୁର୍ଘଟଣା ଲାଗି ରହିଥିବ।

ସୁପ୍ରିମକୋର୍ଟ ଆମ ବ୍ୟବସ୍ଥାରେ ଥିବା ତ୍ରୁଟି ଅର୍ଥାତ୍, ନିର୍ଦ୍ଦିଷ୍ଟ ଭାବରେ ଫୁଟପାଥ ସମସ୍ୟାର ସମାଧାନ ଲାଗି କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏ ସମସ୍ୟା ସହିତ ଦୁର୍ଘଟଣା ଜଡ଼ିତ ରହୁଥିବାରୁ ସମାଧାନ ନ ହେବା ପର୍ଯ୍ୟନ୍ତ ଦୁର୍ଘଟଣା ଲାଗି ରହିଥିବ ବୋଲି ଦେଇଥିବା ସତର୍କତା ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ଯେକୌଣସି ସ୍ଥାନରେ ସଡ଼କ ନିର୍ମାଣ ବେଳେ ମୋଟରଯାନ ଚଳାଚଳ ପ୍ରତି ଯେତିକି ଗୁରୁତ୍ୱ ଦିଆଯାଉଛି, ଉଦ୍ଦିଷ୍ଟ ଫୁଟ୍‌ପାଥ ଚିହ୍ନଟକରଣ, ନିର୍ମାଣ, ରକ୍ଷଣାବେକ୍ଷଣ ପ୍ରଭୃତି ପ୍ରତି ଯଥାର୍ଥ ଦୃଷ୍ଟି ଦିଆଯାଉନାହିଁ। ଚକାଲଗା ଯାନବାହନ ଚଳାଚଳ ପୂର୍ବରୁ ଲୋକେ ପାଦଚଲା ଉପରେ ଗୁରୁତ୍ୱ ଦେଉଥିଲେ। ଚାଲି ଚାଲି କୋଶ କୋଶ ବାଟ ଯା'ଆସ କରୁଥିଲେ।

ଫୁଟ୍‌ପାଥ ଶବ୍ଦର ଅର୍ଥ ପାଦଚଲା ରାସ୍ତା। କିନ୍ତୁ ଏ ପାଦଚଲା ରାସ୍ତା ଆଉ ସୁରକ୍ଷିତ ନାହିଁ। ଏକ ରିପୋର୍ଟ ମୁତାବକ ଆମ ଦେଶରେ ୨୦୧୯ରୁ ୨୦୨୪ ମଧ୍ୟରେ ସଡ଼କ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ୧.୮ଲକ୍ଷରୁ ଅଧିକ ପଥଚାରୀଙ୍କ ମୃତ୍ୟୁ ଘଟିଛି। ବାର୍ଷିକ ହାରାହାରି ମୃତ୍ୟୁ ସଂଖ୍ୟା ୩୦ ହଜାର ୫ଶହରୁ ଅଧିକ। ସଡ଼କ ପରିବହନ ମନ୍ତ୍ରଣାଳୟ ୨୦୨୪ର ସଡ଼କ ଦୁର୍ଘଟଣା ସଂକ୍ରାନ୍ତ ଜାରି କରିଥିବା ତଥ୍ୟ ମୁତାବକ ୨ ଚକିଆ ଓ କାର୍ ସହ ଧକ୍‌କାରେ ମୃତ୍ୟୁ ଘଟିଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୫୪ ପ୍ରତିଶତ ଥିଲେ ପଥଚାରୀ। ଏହି ୫୪ ପ୍ରତିଶତର ହିସାବ ମୁତାବକ ଆଲୋଚ୍ୟ ବର୍ଷ ୧୯,୬୮୦ ପଥଚାରୀଙ୍କ ସଡ଼କ ଦୁର୍ଘଟଣାରେ ଜୀବନ ଦୀପ ଅକାଳରେ ଲିଭି ଯାଇଥିଲା।

ସୁପ୍ରିମକୋର୍ଟର ଆଲୋଚ୍ୟ ରାୟଟି ଏବର ବୋଲି ନୁହେଁ, ଗତବର୍ଷ ମଧ୍ୟ ଏପରି କହିଥିଲେ ଯେ ସମ୍ବିଧାନର ୨୧ଧାରା ଅଧୀନରେ ଫୁଟପାଥଗୁଡ଼ିକ ପଥଚାରୀଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଗ୍ୟାରେଣ୍ଟି ରହିଛି। ସୁତରାଂ ଏ ବାବଦରେ ଯଥାର୍ଥ ଆଇନ ଅଣାଯାଇ ଫୁଟପାଥଗୁଡ଼ିକ ପଥଚାରୀଙ୍କ ପାଇଁ ସୁରକ୍ଷିତ ରଖାଯାଉ। ବିଡ଼ମ୍ବନା ଯେ ଦେଶରେ ବହୁ ସ୍ଥାନରେ ଫୁଟପାଥ ଭଙ୍ଗାରୁଜା ପୂର୍ବକ ବିପଦାପନ୍ନ ହୋଇରହିଛି। ପୁଣି ବହୁ ବ୍ୟବସାୟୀଙ୍କ ଦ୍ୱାରା ଜବରଦଖଲ ଦୃଶ୍ୟ ଲୋକେ ସବୁଦିନ ଦେଖୁଛନ୍ତି। ଫୁଟପାଥର ଠାଏ ଠାଏ କାର୍‌ଠୁ ଆରମ୍ଭ କରି ବିଭିନ୍ନ ଯାନ ଜମି ରହିବାର ଦୃଶ୍ୟ ଆମ ବ୍ୟବସ୍ଥା ପ୍ରତି ଉପହାସ। ଏ ବିଡ଼ମ୍ବନା ଦୂର କରିବାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ମିଳିତ ଭାବରେ କାର୍ଯ୍ୟ ନ କଲେ ସୁପ୍ରିମକୋର୍ଟଙ୍କ ଯେଉଁ ଆଶଙ୍କା ଏପରି ଦୁର୍ଘଟଣା ଲାଗିରହିବ, ତାହାର ସଂଖ୍ୟା କମିବ ନାହିଁ;ଅଧିକନ୍ତୁ ବଢି ଚାଲିଥିବ।

# ଯୋଗ ଓ ମହିଳା ସ୍ୱାସ୍ଥ୍ୟ

**ଡାକ୍ତର ଶୁଭଶ୍ରୀ ମିଶ୍ର**

ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଦଶଭାଗ ରୋଗର କାରଣ ସ୍ଥୂଳଶରୀର ହେଲେ ବାକି ନବେ ଭାଗ ରୋଗର କାରଣ ସୂକ୍ଷ୍ମ ଶରୀର। ଅର୍ଥାତ୍ ଦୂଷିତ ମନ, ବିଚାର, ଭାବନା, କଳ୍ପନା ଇତ୍ୟାଦି। ଏକଥା ହଜାର ହଜାର ବର୍ଷ ତଳେ ଆମର ଦିବ୍ୟଦ୍ରଷ୍ଟା ଯୋଗୀ ଋଷିମାନେ ଜାଣି ସେଥିପାଇଁ ରୋଗର ସ୍ଥାୟୀ ପ୍ରତିକାର ସ୍ଥୂଳସ୍ତରରେ ନ କରି ସୂକ୍ଷ୍ମସ୍ତରର ସିଦ୍ଧଶକ୍ତି ମିଳି ଯାଉଥିଲା। ତା ଦ୍ୱାରା ସେମାନେ କେବଳ ରୋଗ ନିବାରଣରେ ସଫଳ ହୋଇଥିଲେ ତାହା ନୁହେଁ, ବରଂ ଦୀର୍ଘାୟୁ ଲାଭ କରୁଥିଲେ।

ତେବେ ମହିଳାମାନଙ୍କ ପାଇଁ ଯୋଗାସନର ପ୍ରାସଙ୍ଗିକତା ଅନେକ ଚର୍ଚ୍ଚା ସୃଷ୍ଟି କରୁଥିଲେ ବି ବିଶ୍ୱ ଯୋଗ ଦିବସ ଅବସରରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧରେ କିଛି ଲେଖୁଛୁ। ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୁଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ।

ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ। ଚିଡ଼ିଚିଡ଼ା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ। ଏହାର ଦ୍ୱାରା ଶରୀରରେ ହରମୋନ ପରିବର୍ତ୍ତନ ଯୋଗୁଁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ। ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସ କ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁଁ ତ୍ୱଚା ଏବଂ ଅନ୍ତ ଅଙ୍ଗଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ। ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ। ସୁଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହା ବ୍ୟତୀତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ଅଫିସରେ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ। ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁଁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ ରଖିବା ଲାଗି ଯୋଗାସନ ବେଶ ଉପକାରୀ।

ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ। ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ। ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ। ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ। ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜଭୁତ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।

ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢ଼ଘଣ୍ଟା ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ। ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬

# ସୁସ୍ଥ ଜୀବନର ମୂଳମନ୍ତ୍ର ଯୋଗ

**ଚିତ୍ତରଞ୍ଜନ ପୃଷ୍ଟି**

> "ଯୋଗ କରିବାଦ୍ୱାରା ମସ୍ତିଷ୍କ ଶାନ୍ତ ହୋଇଥାଏ ଏବଂ ଶରୀରକୁ ସକାରାତ୍ମକ ଶକ୍ତି ମିଳିଥାଏ । ନିୟମିତ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ, ସବଳ, ଆନନ୍ଦ ଏବଂ ଧୈର୍ଯ୍ୟଶୀଳ ହୋଇଥାଏ । ତେଣୁ ମାନସିକ ଭାରସାମ୍ୟ ହରାଉଥିବା ବ୍ୟକ୍ତି ନିଜ ପ୍ରତି ବିଶ୍ୱାସ ହରାଇନଥାଏ । ବାରମ୍ବାର ଯୋଗ ପଦ୍ଧତିରେ ରହିବା ଦ୍ୱାରା ନିଜର ମନୋବଳ ବୃଦ୍ଧି କରିଥାଏ । ଯୋଗ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଅନୁଭବ ସୃଷ୍ଟି ହୋଇଥାଏ । ଯୋଗଦ୍ୱାରା ରକ୍ତଚାପ ସନ୍ତୁଳିତ ହୋଇଥାଏ । ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗ ଦ୍ୱାରା ଉପକୃତ ହୋଇଥାଆନ୍ତି । ମଧୁମେହ ବା ଡାଇବେଟିସ୍ ରୋଗକୁ ଯୋଗ ନିୟନ୍ତ୍ରଣ କରିଥାଏ । ଯୋଗଦ୍ୱାରା ବ୍ୟକ୍ତି ସଂଯମ ଶିକ୍ଷାଲାଭ କରିବା ସହିତ ଭଗବତ ସେବାରେ ନିଜକୁ ସଂଯୁକ୍ତ କରିଥାଏ ।

ମଣିଷ ତା'ର ଜୀବନକାଳ ଭିତରେ ରୋଗର ମାୟା ଜାଲରେ ନ ପଡ଼ି ସୁସ୍ଥ ଓ ନୀରୋଗ ରହିବା ପାଇଁ ଚାହିଁଥାଏ । ସୁସ୍ଥ ସମାଜ ପାଇଁ ସୁସ୍ଥ ମନ, ଶରୀର, ଆଧ୍ୟାତ୍ମିକ ମନୋଭାବ ଆବଶ୍ୟକତା ରହିଛି। ସେଥିପାଇଁ ମଣିଷ ଆପଣେଇଥାଏ ଅନେକ ପନ୍ଥା । ସେଥିମଧ୍ୟରୁ ଯୋଗ ଅନ୍ୟତମ। ଯୋଗ ହେଉଛି ଆମ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ, ଯାହା ପ୍ରାଚୀନ କାଳରୁ ମନୁଷ୍ୟକୁ ସୁସ୍ଥ, ସବଳ ଓ ନିରାମୟ ଜୀବନ ଯାପନ କରିବାରେ ସହାୟକ ହେବା ସହିତ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଦୃତ ହୋଇପାରିଛି । ଯୋଗ ମଣିଷକୁ ନୀରୋଗ ରଖିବା ସହିତ ସଭିଙ୍କ ମନରେ ଶାନ୍ତି ଭରିଦେଇଥାଏ । ସୁସ୍ଥ ଶରୀର ପାଇଁ ଆମେ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ସହ ବ୍ୟାୟାମ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏକାଗ୍ରତା ଓ ଆତ୍ମନିର୍ଭରଶୀଳତା ପାଇଁ ଯୋଗ ଏକାନ୍ତ ଅପରିହାର୍ଯ୍ୟ। ଯୋଗ ଦ୍ୱାରା ବ୍ୟକ୍ତିର ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶ ହେବା ସହ ଏକ ସୁସ୍ଥ ସମାଜ ଗଠନ ହୋଇଥାଏ। ଯୋଗାଭ୍ୟାସ ଦ୍ୱାରା ଜଣେ ମଣିଷ ମାନସିକ, ଆଧ୍ୟାତ୍ମିକ ଏବଂ ଶାରୀରିକ ସୁସ୍ଥତା ଲାଭ କରିଥାଏ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ ଯୋଗାଭ୍ୟାସ ଦ୍ୱାରା ସେମାନଙ୍କ ସ୍ମରଣଶକ୍ତି ବୃଦ୍ଧି ପାଇଥାଏ। ଯୋଗ ଦ୍ୱାରା ଅନେକ ରୋଗ ଭଲ ହୋଇପାରୁଛି । ଯୋଗ ମାଧ୍ୟମରେ ଶରୀର, ମନ ଓ ମସ୍ତିଷ୍କପୂର୍ଣ୍ଣ ରୂପେ କାର୍ଯ୍ୟ କରେ । ବ୍ୟସ୍ତବହୁଳ ଜୀବନରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଏକାନ୍ତ ଆବଶ୍ୟକ । ଏପରିକି ରୋଗୀ ନିୟମିତ ଯୋଗ ଅଭ୍ୟାସ କଲେ ଆରୋଗ୍ୟ ଲାଭ କରି କର୍ମଚଞ୍ଚଳ ହୁଏ।

ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟ ରକ୍ଷା ହିଁ ସମ୍ଭବ ହୋଇଥାଏ । ସେଥିଲାଗି ବିଶ୍ୱବ୍ୟାପୀ ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି । ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ । ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ । ତେଣୁ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ । ଯୋଗ ଶବ୍ଦଟି ସଂସ୍କୃତ ଧାତୁ "ଯୁଜ୍" ରୁ ଆସିଛି, ଯାହାର ଅର୍ଥ ହେଉଛି ଯୋଡ଼ିବା । ଶରୀର ମନକୁ ,ମନ ଓ ଆତ୍ମାକୁ ଗୋଟିଏ ସୂତ୍ରରେ ବାନ୍ଧିବା । ମନୁଷ୍ୟ ଶରୀରରେ ଅନେକ ପ୍ରକାରର ଛୋଟ ବଡ ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ । କିନ୍ତୁ ଯଦି ଆମ ଜୀବନଧାରାରେ ପ୍ରତ୍ୟେକ ଦିନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିବା ତାହାଲେ ନୀରୋଗ ରହିବା ସହିତ ଦୀର୍ଘଜୀବୀ ହୋଇପାରିବା । ଯୋଗକୁ ଜୀବନ ଶୈଳୀରେ ଏକ ଚିକିତ୍ସା ପଦ୍ଧତି ଭାବରେ ପରିଗଣନା କରାଯାଇପାରେ,କାରଣ ପ୍ରତ୍ୟେକ ଚିକିତ୍ସା ପଦ୍ଧତିର ନିଜର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । କିନ୍ତୁ ଯୋଗର ପ୍ରକୃତ ଉଦ୍ଦେଶ୍ୟ ହେଉଛି ମଣିଷକୁ ଶାରୀରିକ ତଥା ମାନସିକ ଭାବେ ସୁସ୍ଥ ରଖିବା। କଥାରେ ଅଛି

'କରିବା ସଭିଏଁ ଯୋଗ
ଦୂରହେବ ଆମ ରୋଗ'

ଆଜିର ସମୟରେ ଯୋଗର ଆବଶ୍ୟକତା ଆମ ଶରୀର ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ବିଭିନ୍ନ ଆସନଗୁଡ଼ିକ କରିବା ଦ୍ୱାରା ଶରୀର ଠିକ୍ ରହିବା ସହିତ ଅଧିକ ଚାପରୁ ମୁକ୍ତି ମିଳିଥାଏ। ଯୋଗାଭ୍ୟାସ କରିବା ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ ଅମ୍ଳଜାନ ପ୍ରବାହ ଭଲ ଭାବରେ ହେବା ସହ ଦେହରେ ରକ୍ତ ସଞ୍ଚାଳନ ମଧ୍ୟ ଭଲ ଭାବେ ହୋଇଥାଏ। ଏହି ଆସନ ଗୁଡ଼ିକ ଦ୍ୱାରା ଆମ ଶରୀର ନମନୀୟ ହେବା ସହ ପାଦ ଅଧିକ ଶକ୍ତିଶାଳୀ ହୁଏ। ଯୋଗଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା, ଏସିଡିଟି, ଆଲର୍ଜି ସମସ୍ୟା, ଶ୍ୱାସ ରୋଗ ଏବଂ ସବୁଠୁ ବିରକ୍ତିକର ଶୋଇବା ସମୟରେ ଘୁଙ୍ଗୁଡ଼ି ସମସ୍ୟା ମଧ୍ୟ ଧୀରେ ଧୀରେ ବନ୍ଦ ହୁଏ।



ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାରା ବିଶ୍ୱ ଆଜି ଯୋଗ କରୁଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ରହିଛି । ଚଳିତ ବର୍ଷ ଅର୍ଥାତ ୨୦୨୬ ମସିହାର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ହେଉଛି 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ', ଯାହା ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବା ଭୂମିକା ଉପରେ ଆଲୋକପାତ କରେ। ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ନିୟମିତ ଯୋଗାଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହା ଶରୀରକୁ ସୁସ୍ଥ ରଖିବା ସହିତ ଗଣ୍ଠି ଦରଜ, ମାନସିକ ଚାପ ଓ ହୃଦ୍‌ଘାତ ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ସମସ୍ତ ବୟସ୍କ ଗୋଷ୍ଠୀର ଲୋକଙ୍କ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଯୋଗ ଏକ ଅମୋଘ ଅସ୍ତ୍ର। 'ଯୋଗ ମଣିଷର କଲ୍ୟାଣ ଉପରେ ଗୁରୁତ୍ୱାରୋପ କରେ ଏବଂ ବିଶ୍ୱ ସ୍ୱାସ୍ଥ୍ୟ, ଶାନ୍ତିକୁ ପ୍ରୋତ୍ସାହିତ କରେ। ଯୋଗ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଏ। ଯୋଗ ସ୍ୱାସ୍ଥ୍ୟ ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରେ, ଏକ ଜୀବନବ୍ୟାପୀ ସାଥୀ ଭାବରେ କାର୍ଯ୍ୟ କରେ ଯାହା ସୁସ୍ଥ ବାର୍ଦ୍ଧକ୍ୟକୁ ସମର୍ଥନ କରେ ।'

ଯୋଗ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରେ ଯାହା ଆମ ବ୍ୟସ୍ତବହୁଳ ଜୀବନରେ ସନ୍ତୁଳନ ଫେରାଇ ଆଣିବାରେ ସାହାଯ୍ୟ କରେ । ତେବେ ବ୍ୟସ୍ତମୟ ଜୀବନରୁ କିଛି ସମୟ ବାହାର କରି ପ୍ରତିଦିନ କିଛି ଯୋଗ କରିବା ଉଚିତ । ନିୟମିତ ଯୋଗ କରିବା ଦ୍ୱାରା ତାହା କେବଳ ଶରୀରକୁ ସୁସ୍ଥ ରଖେ ତା' ନୁହେଁ, ମାନସିକ ସ୍ତରକୁ ମଧ୍ୟ ସନ୍ତୁଳିତ ରଖିଥାଏ। ଜନସାଧାରଣଙ୍କୁ ଯୋଗର ଉପକାରିତା ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରାଯାଇଥାଏ । ଯୋଗ କରିବାଦ୍ୱାରା ମସ୍ତିଷ୍କ ଶାନ୍ତ ହୋଇଥାଏ ଏବଂ ଶରୀରକୁ ସକାରାତ୍ମକ ଶକ୍ତି ମିଳିଥାଏ । ନିୟମିତ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ, ସବଳ, ଆନନ୍ଦ ଏବଂ ଧୈର୍ଯ୍ୟଶୀଳ ହୋଇଥାଏ । ତେଣୁ ମାନସିକ ଭାରସାମ୍ୟ ହରାଉଥିବା ବ୍ୟକ୍ତି ନିଜ ପ୍ରତି ବିଶ୍ୱାସ ହରାଇନଥାଏ । ବାରମ୍ବାର ଯୋଗ ପଦ୍ଧତିରେ ରହିବା ଦ୍ୱାରା ନିଜର ମନୋବଳ ବୃଦ୍ଧି କରିଥାଏ । ଯୋଗ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଅନୁଭବ ସୃଷ୍ଟି ହୋଇଥାଏ । ଯୋଗଦ୍ୱାରା ରକ୍ତଚାପ ସନ୍ତୁଳିତ ହୋଇଥାଏ । ହୃଦ୍‌ରୋଗରେ ପୀଡିତ ବ୍ୟକ୍ତି ଯୋଗ ଦ୍ୱାରା ଉପକୃତ ହୋଇଥାଆନ୍ତି । ମଧୁମେହ ବା ଡାଇବେଟିସ୍ ରୋଗକୁ ଯୋଗ ନିୟନ୍ତ୍ରଣ କରିଥାଏ । ଯୋଗଦ୍ୱାରା ବ୍ୟକ୍ତି ସଂଯମ ଶିକ୍ଷାଲାଭ କରିବା ସହିତ ଭଗବତ ସେବାରେ ନିଜକୁ ସଂଯୁକ୍ତ କରିଥାଏ ।

କର୍ମମୟ ବ୍ୟସ୍ତ ଜୀବନ ଭିତରେ ମଣିଷ ଯୋଗ, ପ୍ରାଣାୟମକୁ ଭୁଲି ଯାଉଥିବାବେଳେ ଅକାଳ ବାର୍ଦ୍ଧକ୍ୟ ଜାଣିଶୁଣି ଡାକି ଆଣିବା ସହ ରୋଗଗ୍ରସ୍ତ ହେଉଛି। ଦୈନିକ ଯୋଗ କରିବା ଦ୍ୱାରା ମାନସିକ ଚାପ, ଅବସାଦ କମିବା ସହ ଅଣ ସଂକ୍ରାମକ ରୋଗର ନିୟନ୍ତ୍ରଣରେ ଯୋଗର ଯଥେଷ୍ଟ ଭୂମିକା ରହିଛି ।ଯୋଗର ଉପକାରିତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସର ମହତ୍ତ୍ୱ । ଯୋଗକୁ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବା ଏବଂ ଅନ୍ୟମାନଙ୍କୁ ଏହାକୁ ସେମାନଙ୍କର ଏକ ଅଂଶ କରିବାକୁ ଉତ୍ସାହିତ କରିବା ମଧ୍ୟ ଜରୁରୀ ଅଟେ। ମଣିଷ ଜୀବନରେ ଯୋଗର ଉପକାରିତା, ମହାତ୍ମ୍ୟ ଓ ଉଦ୍ଦେଶ୍ୟକୁ ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର କରିବା ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆଜି ବିଶ୍ୱ ବ୍ୟାପୀ 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରାଯାଉଛି। ଭାରତରେ ସୃଷ୍ଟ ଯୋଗର ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି, ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ।ଯୋଗ ହେଉଛି ସୁସ୍ଥ ଶରୀର, ଶାନ୍ତ ମନ ଓ ସମୃଦ୍ଧ ଜୀବନର ଚାବିକାଠି। ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରି ସୁସ୍ଥ,ନିରାମୟ ଓ ସନ୍ତୁଳିତ ସମାଜ ଗଠନରେ ସହଭାଗୀ ହେବା।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଜଳ ସଂକଟ ଭାରତର ଏକ ନୀରବ ଜରୁରୀ ପରିସ୍ଥିତି

**ଶୁଭଲକ୍ଷ୍ମୀ ମିଶ୍ର**

> "ଜଳ ସଂକଟର ପ୍ରମୁଖ ପ୍ରଭାବ କୃଷି ଉପରେ ପଡୁଛି କାରଣ ଜଳସେଚନର ଅଭାବ ହେତୁ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଉଛି ତତ୍‌ସହିତ କୃଷକ ମାନେ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି । ସେହିପରି ପାନୀୟ ଜଳର ଅଭାବ ଯୋଗୁଁ ପ୍ରତିବର୍ଷ ଦୁଇ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି । ନୀତି ଆୟୋଗର ଅନୁଯାୟୀ, ଭାରତର ପ୍ରାୟ ୬୦ କୋଟି ଲୋକ ଉଚ୍ଚ କିମ୍ବା ଅତ୍ୟଧିକ ଜଳ ଚାପରେ ବସବାସ କରୁଛନ୍ତି। ଦେଶର ରାଜଧାନୀ ଦିଲ୍ଲୀରେ ଏହି ବର୍ଷ ଯମୁନା ନଦୀର ଜଳସ୍ତର ହ୍ରାସ ପାଇବାରୁ ଜଳ ଶୋଧନ କେନ୍ଦ୍ରଗୁଡ଼ିକର କ୍ଷମତା କମିଯାଇଛି ଏବଂ ଅନେକ ଅଞ୍ଚଳରେ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ଦେଖାଇଛି ଯେ ବଢୁଥିବା ଚାହିଦା ଓ ଉପଲବ୍ଧ ଜଳ ମଧ୍ୟରେ ଥିବା ଅସନ୍ତୁଳନ କେତେ ଭୟଙ୍କର ରୂପ ନେଇପାରେ।

କଥାରେ ଅଛି-'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳଏ ସୃଷ୍ଟି ନାଶ '। ଜଳ ହିଁ ଜୀବନ। କିନ୍ତୁ ବର୍ତ୍ତମାନ କିଛି ଅଞ୍ଚଳରେ ଜଳାଭାବ ଜନିତ ସମସ୍ୟା ସୃଷ୍ଟି ହେବା ଆରମ୍ଭ ହେଲାଣି । ହୁଏତ ଆଗକୁ ଏ ଜଳ ଅଭାବ ଜନିତ ସମସ୍ୟା ସମଗ୍ର ଭାରତକୁ ଗ୍ରାସ କରିପାରେ ।ପାଣି ବିନା ଜୀବନର କଳ୍ପନା ଅସମ୍ଭବ। ଦୁର୍ଭାଗ୍ୟର ବିଷୟ, ଯେଉଁ ଦେଶରେ ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର ଓ ମହାନଦୀ ପରି ବିଶାଳ ନଦୀ ପ୍ରବାହିତ ହେଉଛି, ସେହି ଦେଶ ଆଜି ଭୟଙ୍କର ଜଳ ସଂକଟର ସମ୍ମୁଖୀନ। ଜଳ ଅଭାବର ପ୍ରମୁଖ କାରଣ ହେଉଛି - ଜଳବାୟୁ ପରିବର୍ତ୍ତନ। ଏହା ଦ୍ୱାରା ବର୍ଷା କମ୍ ପରିମାଣର ହେଉଛି ବା ଅନିୟମିତ ରୂପେ ହେଉଛି ଯାହା ଫଳରେ ଆବଶ୍ୟକ ପରିମାଣର ଜଳ ମିଳି ପାରୁନାହିଁ । ମରୁଡ଼ି ପରି ପରିସ୍ଥିତି ଦେଖା ଦେଉଛି । ସେହିପରି ଉତ୍ତାପ ପ୍ରବାହ ଯୋଗୁଁ ପୃଥିବୀର ତାପମାତ୍ରା ଅତ୍ୟଧିକ ଅନୁଭୂତ ହେଉଥିବାରୁ ଜଳ ଉତ୍ସଗୁଡିକ ପ୍ରାୟତଃ ଶୁଖିଯାଉଛି ଯାହା ଭୟଙ୍କର ଜଳ ସଂକଟର କାରଣ ସାଜୁଛି । ସେହିପରି କୃଷି, ଶିଳ୍ପ ତଥା ଘରୋଇ କାର୍ଯ୍ୟକଳାପ ପାଇଁ ଭୂତଳ ଜଳ ମାତ୍ରାଧିକ ବ୍ୟବହାର କରିବା ଦ୍ୱାରା ଅନେକ ଅଞ୍ଚଳରେ ଭୂତଳ ଜଳର ହାର ମାତ୍ରାଧିକ ହ୍ରାସ ପାଇଛି । ଭାରତ ବିଶ୍ୱର ସର୍ବବୃହତ୍ ଭୂତଳ ଜଳ ବ୍ୟବହାରକାରୀ ଦେଶ। ପ୍ରତିବର୍ଷ ପ୍ରାୟ ୨୫୦ ବିଲିୟନ ଘନ ମିଟର ଭୂତଳ ଜଳ ବ୍ୟବହାର କରାଯାଏ, ଯାହା ବିଶ୍ୱ ବ୍ୟବହାରର ଏକ ବଡ଼ ଅଂଶ। ଆହୁରି ଜନସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବା ବେଳେ ପାନୀୟ ଜଳର ଯୋଗାଣ ସେହିପରି କଷ୍ଟକର ବ୍ୟାପାର ସାଜିଛି । ଦେଶର ପ୍ରାୟ ୬୦% ସେଚିତ କୃଷି ଏବଂ ୮୫% ପାନୀୟ ଜଳ ଯୋଗାଣ ଭୂତଳ ଜଳ ଉପରେ ନିର୍ଭରଶୀଳ। ଏବଂ ଆଧୁନିକରଣ ତଥା ସହରୀକରଣ ପ୍ରକ୍ରିୟାରେ ବହୁ ପ୍ରାକୃତିକ ଜଳ ଉତ୍ସ ଗୁଡିକ ନଷ୍ଟ ହୋଇଯାଉଛି । ଜଳ ସଙ୍କଟର ସବୁଠାରୁ ପ୍ରମୁଖ କାରଣ ହେଉଛି ଜଳ ପ୍ରଦୂଷଣ । ଶିଳ୍ପ, କୃଷି ଆଦିର ମଳ ଜଳ ନଦୀ ତଥା ସମୁଦ୍ରକୁ ପ୍ରଦୂଷିତ କରୁଛି ସେଥିପାଇଁ ପାନୀୟ ଜଳର ଗୁଣବତ୍ତା ହ୍ରାସ ପାଉଛି । ଭାରତର ପ୍ରାୟ ୭୦% ଜଳ ପ୍ରଦୂଷିତ ବୋଲି ନୀତି ଆୟୋଗ ଉଲ୍ଲେଖ କରିଛି।

ସେହିପରି ଜଳ ସଂକଟର ପ୍ରମୁଖ ପ୍ରଭାବ କୃଷି ଉପରେ ପଡୁଛି କାରଣ ଜଳ ସେଚନର ଅଭାବ ହେତୁ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଉଛି ତତ୍‌ସହିତ କୃଷକମାନେ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି । ସେହିପରି ପାନୀୟ ଜଳର ଅଭାବ ଯୋଗୁଁ ପ୍ରତିବର୍ଷ ଦୁଇ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି । ନୀତି ଆୟୋଗର ଅନୁଯାୟୀ, ଭାରତର ପ୍ରାୟ ୬୦ କୋଟି ଲୋକ ଉଚ୍ଚ କିମ୍ବା ଅତ୍ୟଧିକ ଜଳ ଚାପରେ ବସବାସ କରୁଛନ୍ତି। ଦେଶର ରାଜଧାନୀ ଦିଲ୍ଲୀରେ ଏହି ବର୍ଷ ଯମୁନା ନଦୀର ଜଳସ୍ତର ହ୍ରାସ ପାଇବାରୁ ଜଳ ଶୋଧନ କେନ୍ଦ୍ରଗୁଡ଼ିକର କ୍ଷମତା କମିଯାଇଛି ଏବଂ ଅନେକ ଅଞ୍ଚଳରେ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ଦେଖାଇଛି ଯେ ବଢୁଥିବା ଚାହିଦା ଓ ଉପଲବ୍ଧ ଜଳ ମଧ୍ୟରେ ଥିବା ଅସନ୍ତୁଳନ କେତେ ଭୟଙ୍କର ରୂପ ନେଇପାରେ। ଦେଶର ଆଇଟି ରାଜଧାନୀ ଭାବେ ପରିଚିତ ବେଙ୍ଗାଲୁରୁ ମଧ୍ୟ ଜଳ ସଙ୍କଟର ଏକ ଉଦାହରଣ। ପର୍ଯ୍ୟାପ୍ତ ବର୍ଷା ହେଉଥିଲେ ମଧ୍ୟ ଅଧିକାଂଶ ବର୍ଷାଜଳ ସଂରକ୍ଷିତ ହେଉନାହିଁ। ଭୂତଳ ଜଳସ୍ତର ହ୍ରାସ, ଶୁଖିଯାଉଥିବା ବୋରୱେଲ ଏବଂ ଟ୍ୟାଙ୍କର ଉପରେ ବଢୁଥିବା ନିର୍ଭରଶୀଳତା ସହରର ଜଳ ସମସ୍ୟାକୁ ଗୁରୁତର କରିଛି। ତାମିଲନାଡୁର ଚେନ୍ନାଇ ସହର ୨୦୧୯ ମସିହାରେ ଭୟଙ୍କର ଜଳ ସଙ୍କଟ ଦେଖିଥିଲା। ଆଜି ମଧ୍ୟ ସେଠାରେ ଭୂତଳ ଜଳ ହ୍ରାସ ଏବଂ ଜଳ ସଂରକ୍ଷଣର ଆବଶ୍ୟକତା ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇ ରହିଛି। ସରକାର ନଦୀ ପୁନରୁଦ୍ଧାର ଓ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହାଇଦ୍ରାବାଦରେ ମଧ୍ୟ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଏକ ବଡ଼ ସମସ୍ୟା ହୋଇପଡ଼ିଛି। ଅନେକ ଅଞ୍ଚଳକୁ 'ଅତ୍ୟଧିକ ଶୋଷିତ' ଭାବେ ଚିହ୍ନଟ କରାଯାଇଛି। ଏହା ଦର୍ଶାଏ ଯେ ଆଧୁନିକ ସହରଗୁଡ଼ିକରେ ଜଳର ଚାହିଦା କିପରି ପ୍ରାକୃତିକ ସମ୍ପଦ ଉପରେ ଚାପ ସୃଷ୍ଟି କରୁଛି।

ଅନ୍ୟପକ୍ଷରେ ମହାରାଷ୍ଟ୍ରର ମରାଠୱାଡ଼ା, ଉତ୍ତର ପ୍ରଦେଶ ଓ ମଧ୍ୟ ପ୍ରଦେଶର ବୁନ୍ଦେଲଖଣ୍ଡ, ଏବଂ ରାଜସ୍ଥାନର ଅନେକ ଅଞ୍ଚଳ ବର୍ଷ ବର୍ଷ ଧରି ମରୁଡ଼ି ଓ ଜଳ ଅଭାବର ସମ୍ମୁଖୀନ ହେଉଛନ୍ତି। କୃଷକମାନେ ଫସଲ କ୍ଷତି, ଋଣ ଭାର ଓ ଜୀବିକା ସଙ୍କଟରେ ପଡୁଛନ୍ତି। ପଞ୍ଜାବ ଓ ହରିୟାଣାରେ ମଧ୍ୟ ଅତ୍ୟଧିକ ସେଚନ କାରଣରୁ ଭୂତଳ ଜଳସ୍ତର ଦ୍ରୁତ ହ୍ରାସ ପାଉଛି। ଓଡ଼ିଶାର ପରିସ୍ଥିତି ମଧ୍ୟ ବିଚିତ୍ର। ଗୋଟିଏ ପଟେ ବନ୍ୟା, ଅନ୍ୟ ପଟେ ଗ୍ରୀଷ୍ମକାଳରେ ପାନୀୟ ଜଳର ଅଭାବ। ଏହା ପ୍ରମାଣ କରେ ଯେ ସମସ୍ୟା କେବଳ ବର୍ଷାର ନୁହେଁ, ବରଂ ଜଳ ପରିଚାଳନାର ମଧ୍ୟ ଅଟେ ।ଏହି ସଙ୍କଟର ସମାଧାନ ପାଇଁ ବର୍ଷାଜଳ ସଂରକ୍ଷଣ, ପୋଖରୀ ଓ ଜଳାଶୟର ପୁନରୁଦ୍ଧାର, ଡ୍ରିପ୍ ସେଚନ, ଜଳ ସଞ୍ଚୟ ସମ୍ପର୍କିତ ସଚେତନତା ଏବଂ ଦୃଢ଼ ସରକାରୀ ନୀତିର ଆବଶ୍ୟକତା ରହିଛି। ଜଳକୁ କେବଳ ଏକ ସମ୍ପଦ ନୁହେଁ, ବରଂ ଭବିଷ୍ୟତ ପିଢ଼ିର ଅଧିକାର ଭାବେ ଦେଖିବାକୁ ପଡ଼ିବ।



ଜଳ ସଂକଟକୁ ରୋକିବାର ପଥଗୁଡିକ ହେଉଛି- ବର୍ଷା ଜଳ ସରଂକ୍ଷଣ ଯାହା ଘର, ବିଦ୍ୟାଳୟ ତଥା କାର୍ଯ୍ୟାଳୟ ସବୁଠାରେ ଲାଗୁ କରାଯିବା ଉଚିତ। ସେହିପରି ଅନ୍ୟ ଉପାୟ ହେଉଛି ଭୂତଳ ଜଳର ସୁରକ୍ଷା ଏଥିରେ ଅନାବଶ୍ୟକ ଜଳ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ସହ ଜଳର ପୁନର୍ବାର ଭରଣା ଉପରେ ଗୁରୁତ୍ୱାରୋପ କରିବା । ଜଳାଶୟମାନଙ୍କର ପୁନରୁଦ୍ଧାର କରିବା ତଥା ଲୋକମାନଙ୍କୁ ଜଳ ବଞ୍ଚାଇବାର ବାର୍ତ୍ତା ଦ୍ୱାରା ସଚେତନ କରିବା ।

ବର୍ତ୍ତମାନ ଭାରତର ପ୍ରମୁଖ ସହର ମହାରାଷ୍ଟ୍ରର ମୁମ୍ବାଇରେ ଅତି ବିକଟାଳ ଜଳ ଅଭାବ ଦେଖାଦେଉଛି । ମୁମ୍ବାଇ ପାଖରେ ବ୍ୟବହାର କରିବା ପାଇଁ ଆଉ ମାତ୍ର ୪୦ ଦିନର ଜଳ ଉପଲବ୍ଧ ଅଛି । ମୁମ୍ବାଇ ସହର ତାର ନିକଟସ୍ଥ ୭ ଟି ନଦୀରୁ ଦିନକୁ ପ୍ରାୟ ୩୯୫୦ ମିଲିୟନ ଲିଟର ଜଳ ଦିନକୁ ବ୍ୟବହାର କରେ । କିନ୍ତୁ ମୁମ୍ବାଇ ଗତ ୧୦ ବର୍ଷ ଭିତରେ ଚଳିତ ବର୍ଷ ୭୫ ପ୍ରତିଶତ କମ୍ ବର୍ଷା ହେଉଥିବାରୁ ସେହି ହ୍ରଦ ଗୁଡିକରେ ତାର ଜଳଧାରଣ କ୍ଷମତାର ଆଉ ୧୦ ପ୍ରତିଶତ ହିଁ ବାକି ରହିଛି । ବର୍ତ୍ତମାନ ସେଠାରେ ସବୁ ମଲ୍ , କୋଠାଘର ତଥା ବାଣିଜ୍ୟିକ ଅନୁଷ୍ଠାନରେ ୨୦ ପ୍ରତିଶତ କମ୍ ପାଣି ଦିଆଯାଉଛି ।ଏବଂ ବିଭିନ୍ନ ଲୋକମାନେ ଏହି ଉକ୍ତ ସମସ୍ୟା ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ ।

ପରିଶେଷରେ କୁହାଯାଇପାରେ ଯେ, ଯଦି ଆଜି ଆମେ ଜଳ ସଂରକ୍ଷଣ ପ୍ରତି ଗୁରୁତ୍ୱ ନ ଦେବା, ତେବେ ଆଗାମୀ ପିଢ଼ି ଜଳର ପ୍ରତ୍ୟେକ ବୁନ୍ଦା ପାଇଁ ସଂଘର୍ଷ କରିବାକୁ ବାଧ୍ୟ ହେବ। ତେଣୁ ଜଳ ବଞ୍ଚାଇବା କେବଳ ଏକ ଦାୟିତ୍ୱ ନୁହେଁ, ଏହା ଆମର ଭବିଷ୍ୟତ ପ୍ରତି ଏକ ପ୍ରତିବଦ୍ଧତା। ରାଜସ୍ଥାନର ମରୁଭୂମି ଠାରୁ ବେଙ୍ଗାଲୁରୁର ଆଇଟି ନଗରୀ ପର୍ଯ୍ୟନ୍ତ, ବୁନ୍ଦେଲଖଣ୍ଡର ଚାଷ ଜମି ଠାରୁ ଦିଲ୍ଲୀର ରାଜପଥ ପର୍ଯ୍ୟନ୍ତ ଭାରତର ଜଳ ସଂକଟ ଆମକୁ ଗୋଟିଏ ବାର୍ତ୍ତା ଦେଉଛି 'ପ୍ରତ୍ୟେକ ବୁନ୍ଦ ଅମୂଲ୍ୟ ଓ ପ୍ରତ୍ୟେକ ବୁନ୍ଦାକୁ ବଞ୍ଚାଇବା ଆମର କର୍ତ୍ତବ୍ୟ'।'ଜଳ କେବଳ ଏକ ପ୍ରାକୃତିକ ସମ୍ପଦ ନୁହେଁ, ଏହା ଜୀବନର ଆଧାର। ତେଣୁ ଜଳ ସଂରକ୍ଷଣ ପ୍ରତ୍ୟେକ ନାଗରିକଙ୍କର ନୈତିକ ଦାୟିତ୍ୱ।'

ବିଶ୍ୱନାଥପୁର , ବାଲିପାଟଣା

## ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା କଲେ ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ

ଡ଼ାବୁଗାଁ, ୨୦।୬ (ନିପ୍ର); ଭାରତ ସରକାରଙ୍କ ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ମୀରା ମହାନ୍ତି ଡାବୁଗାଁ ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । କେନ୍ଦ୍ରୀୟ ପ୍ରଭାରୀ ଡାବୁଗାଁ ବ୍ଲକର ହାଟପଡା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କୁ ମିଳୁଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଏବଂ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ସ୍ଥିତି ଅନୁଧାନ କରିଥିଲେ। ଏହା ଛଡା ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଜୁନାପାଣି ଯାଇ ସମସ୍ତ ବିଷୟର ତଦାରଖ କରିଥିଲେ ଏବଂ ବ୍ଲକ୍‌ର ସମଗ୍ର ପ୍ରଗତିକୁ ପ୍ରଶଂସା କରି ଦଳୀୟ ସମନ୍ୱୟ ଓ ସହଯୋଗୀ ମନୋଭାବକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହା ସହ ସେ ଡାବୁଗାଁ ବ୍ଲକ୍ ବିଡ଼ିଓ ସମୀର କୁମାର ପାତ୍ର ଏବଂ ସମସ୍ତ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଡାବୁଗାଁ ବ୍ଲକରେ ନିୟମିତ ସମୀକ୍ଷା ବୈଠକ ଆୟୋଜନ କରି ସମନ୍ୱୟ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ପ୍ରତ୍ୟେକ ନାଗରିକଙ୍କ ପାଖରେ ସରକାରୀ ସେବା ଯେପରି ପହଞ୍ଚି ପାରିବ ତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ,ସହକାରୀ ଯୋଜନା ନିର୍ଦ୍ଦେଶକ ବ୍ରଜବନ୍ଧୁ ନାୟକ, ଡାବୁଗାଁ ତହସିଲଦାର ଗୀତା ମୁର୍ମୁ ଡାବୁଗାଁ ସିଡିପିଓ ମିନତୀ ଦାସ,ଡାବୁଗାଁ ବ୍ଲକ ଏବିଏସ ମୋନାଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

ପିପିଲି, ୨୦।୬(ନିପ୍ର):ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ବୋହୂ ଓ ସମୁଦି ସମୁଦୁଣି ମାନେ ମିଶିକି ବିଷ ପିଆଇ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ କଣାସ ଥାନା ଅନ୍ତର୍ଗତ ଗଡ ମାଟିଆ ଗ୍ରାମର ଧନେଶ୍ୱର ସଂଗ୍ରାମ ସିଂଙ୍କ ପତ୍ନୀ ରିନା ସଂଗ୍ରାମ ସିଂ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରିନାଙ୍କ ବଡ଼ ଭଉଣୀ ଚନ୍ଦ୍ରାଦେଇପୁର ମାଟିଘର ସାହିରେ ବାହା କରିଥିଲେ। ତାଙ୍କର ଏକ ମାତ୍ର ପୁଅ ସନ୍ତୋଷ ମାଟି ପିପିଲି ଥାନା ଅନ୍ତର୍ଗତ ସୁନାପଦା ଗ୍ରାମରେ କୁଞ୍ଜି ଜେନାଙ୍କ ଝିଅ ସୁଶ୍ରୀ ଜେନାଙ୍କୁ ବାହା କରିଛନ୍ତି। ବାହା ପର ଠାରୁ ବୋହୂ ଅନେକ ସମୟରେ ଶାଶୂ ଶଶୁରଙ୍କୁ ନିର୍ଯାତନା ଦେଇ ଆସୁଥଲା ବେଳେ ଗତ ୮ ମାସ ତଳେ ଶଶୁରଙ୍କ ମୃତ୍ୟୁ ଘଟିଥିଲା। ବୋହୁ ମୃତ ଶଶୁରଙ୍କ ଲେବର କାର୍ଡ ଆକାଉଣ୍ଟରେ ଥିବା ୩ଲକ୍ଷ ୫ହଜାର ଟଙ୍କାକୁ ଉଠାଇ ନେଇ ନିଜ ସାନ ଭଉଣୀର ବିବାହ କରାଇଥିଲେ। ପୁନର୍ବାର ଟଙ୍କାର ଆବଶ୍ୟକ ହେବାରୁ ବୋହୂ ଶାଶୁକୁ ମହିଳା ଗ୍ରୁପରୁ ଟଙ୍କା ଲୋନ କରିବା ପାଇଁ କହିବାରୁ ଶାଶୂ ମନା କରିଥିଲେ। ଯାହାକୁ ନେଇ ଘରେ ଅଶାନ୍ତି ଲାଗିରହିଥିଲା। ଗତ ୩ଦିନ ତଳେ ଘରକୁ ସମୁଦି ସମୁଦୁଣି ଆସିଥିଲା ବେଳେ ଟଙ୍କା ପାଇଁ ଘରେ ଶାଶୂ ବୋହୂ ମଧ୍ୟରେ ପାଟିତୁଣ୍ଡ ହେବାରୁ ବୋହୁ ଓ ବୋହୂର ବାପା ମା ଘରେ ଥିବା ଚାଉଳରେ ଦିଆ ଯିବାକୁ ଥିବା ଉକୁଣୀ ଔଷଧକୁ ମହିଳାଙ୍କ ହାତକୁ ଦେଇ ପିଇବାକୁ ବାଧ କରିଥିଲେ। ମହିଳା ଜଣକ ଉକ୍ତ ଔଷଧ ପିଇ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥଲା। ସେଠାରେ ଗୁରୁବାର ସଂଧ୍ୟାରେ ମୃତ୍ୟୁ ଘଟିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର ଦାବି

କଟକ, ୨୦।୬ (ନିପ୍ର): ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଗୁରୁବାର ଛାତ୍ର ସଂଗଠନ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ସାରା ରାଜ୍ୟରେ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକ ତଥା ଶିକ୍ଷାପ୍ରେମୀ ଜନସାଧାରଣ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ୨୨ ଜୁନ୍ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କବାଣୀ

ଭଦ୍ରକ, ୨୦।୬ (ନିପ୍ର): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ମତ୍ସ୍ୟଜୀବୀ ସତର୍କବାଣୀ ଅନୁଯାୟୀ, ଓଡ଼ିଶା ଉପକୂଳ ଏବଂ ସଂଲଗ୍ନ ସମୁଦ୍ର ଅଞ୍ଚଳରେ ୧୮ ରୁ ୨୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବେଳେବେଳେ ଏହାର ବେଗ ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ତରଙ୍ଗ ଉଚ୍ଚ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ମତ୍ସ୍ୟଜୀବୀଙ୍କୁ ୧୮ ରୁ ୨୨ ଜୁନ୍ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଉପକୂଳକୁ ଫେରି ଆସିବା ପାଇଁ କୁହାଯାଇଛି।ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସତର୍କ ସୂଚନାକୁ ଉପକୂଳବର୍ତ୍ତୀ ଅଞ୍ଚଳର ସମସ୍ତ ମତ୍ସ୍ୟଜୀବୀଙ୍କ ନିକଟରେ ପହଞ୍ଚାଇବା ସହ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଇଛି।

## ମୌସୁମୀ ବର୍ଷା ଆରମ୍ଭ: ଡିଜେଲ ସଙ୍କଟ ଚିନ୍ତାରେ ଚାଷୀକୁଳ

ଧାମନଗର, ୨୦।୬ (ନିପ୍ର): ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହେବା ସହ ବର୍ତ୍ତମାନ ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷାର ଆଗମନରେ ଚାଷୀକୁଳ ଏବେ ବେଶ୍ ଉତ୍ସାହର ସହ ବିଲକୁ ଓହ୍ଲାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଗଲେଣି। କିନ୍ତୁ ଠିକ୍ ଏଭଳି ସମୟରେ ତୀବ୍ର ଡିଜେଲ ସଙ୍କଟ ଦେଖାଦେବା ଚାଷୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ବର୍ଷା ଅନୁକୂଳ ଥିଲେ ମଧ୍ୟ ଡିଜେଲ ଅଭାବ ଯୋଗୁଁ ଚାଷ କାର୍ଯ୍ୟର ସ୍ୱାଭାବିକ ଆରମ୍ଭ ନେଇ ଏବେ ଆଶଙ୍କା ଉପୁଜାଇଛି। ଆଜିକାଲି ଦିନରେ ଗାଁ ଗହଳିରେ ଆଉ ବଳଦଙ୍କୁ ଚାଷ ବେଳେ ହଳ ବୁଲାଇବା ପ୍ରାୟ ଦେଖିବାକୁ ମିଳୁନାହିଁ। କିଛି ବର୍ଷ ଧରି ସମ୍ପୂର୍ଣ୍ଣ କୃଷି କାର୍ଯ୍ୟ ଟ୍ରାକ୍ଟର ଓ ପାୱାର ଟିଲର ଉପରେ ନିର୍ଭରଶୀଳ ହୋଇପଡ଼ିଛି। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଚାଷୀମାନେ ଜମି ହଳ କରି ଧାନ ବୁଣିବା ବା ତଳି ପକାଇବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ମାତ୍ର ଧାମନଗର ବ୍ଲକର ବିଭିନ୍ନ ତେଲ ଟାଙ୍କିରେ ଡିଜେଲ ମିଳୁ ନଥିବାରୁ କୃଷି ଯନ୍ତ୍ରପାତି ଗୁଡ଼ିକ ଏବେ ଗାଁ ଗହଳିରେ ସ୍ଥାଣୁ ପାଲଟିଛି। ଧାମନଗର ସଦର, ଅସୁରାଳି, କୋଠାର, ମଙ୍ଗଳପୁର, ଗୁହାଳିଆ ଓ ବାହାରବିଲ ଆଦି ସ୍ଥାନରେ ଥିବା ଟାଙ୍କିରେ ପର୍ଯ୍ୟାପ୍ତ ପେଟ୍ରୋଲ ଥିଲା ବେଳେ ଡିଜେଲ ଯୋଗାଣ ସ୍ୱାଭାବିକ ନଥିବା ଜଣାଯାଇଛି। ଅନେକ ସ୍ଥାନରେ ଚାଷୀମାନେ ବହୁ କଷ୍ଟରେ ଅଳ୍ପ ବହୁତ ଡିଜେଲ ସଂଗ୍ରହ କରୁଥିଲେ ମଧ୍ୟ ତାହା ଚାଷ କାର୍ଯ୍ୟ ପାଇଁ ଆଦୌ ପର୍ଯ୍ୟାପ୍ତ ହେଉନାହିଁ। ଏହି ସଙ୍କଟ ଯୋଗୁଁ ଆଗାମୀ ଦିନରେ ଡିଜେଲର କଳାବଜାରୀ ବୃଦ୍ଧି ପାଇବା ନେଇ ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଯଦି ତୁରନ୍ତ ତେଲ ଟାଙ୍କି ଗୁଡ଼ିକରେ ଡିଜେଲ ଉପଲବ୍ଧ ନହୁଏ, ତେବେ ଉପଯୁକ୍ତ ମୌସୁମୀ ବର୍ଷା ସତ୍ତ୍ୱେ ଚଳିତ ବର୍ଷ ଧାନ ଚାଷ ବ୍ୟାହତ ହେବ ବୋଲି ସ୍ଥାନୀୟ କୃଷକମାନେ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏବଂ ଡିଜେଲର କଳାବଜାରୀକୁ ରୋକିବା ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଢ଼ ନିର୍ଦ୍ଦେଶ ଦେବା ଆବଶ୍ୟକ।

## 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

କାଶୀନଗର, ୨୦।୬ (ନିପ୍ର): ଓଡିଶା ରାଜ୍ୟ ସରକାରଙ୍କ ଦୁଇ ବର୍ଷ ସଫଳତାର ପୂର୍ତ୍ତିକୁ ସ୍ମରଣ କରିବା ପାଇଁ ରାଜ୍ୟ ବ୍ୟାପି ସରକାରୀ ଯୋଗାଯୋଗ ଓ ନାଗରିକ ସମ୍ପର୍କ 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅଧ୍ୟକ୍ଷା ବାଲା ସାଇମ୍ମା ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇ ଥିବା ସଫଳତା, ଜନ କଲ୍ୟାଣ କାରି ପଦକ୍ଷେପ ଓ ବିକାଶ ମୂଳକ କାର୍ଯ୍ୟ କଳାପକୁ ପ୍ରଦର୍ଶନୀ କାରି ନାଗରିକ ସମ୍ପର୍କକୁ ସୁଦୃଢ କରିବା। ଏହି ପରିପ୍ରେକ୍ଷୀରେ କାଶୀନଗର ପଞ୍ଚାୟତ ସମିତି ପକ୍ଷରୁ ୨୪ତାରିଖ ଯାଏଁ ଏକ ବ୍ଲକ ସ୍ତରୀୟ ସମ୍ପ୍ରସାରଣ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜନ ହୋଇଛି। ଏହି ଅବସରରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁ ଧର ମଲ୍ଲିକ ଙ୍କ ତତ୍ତ୍ୱଧାନ ରେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର କେ.ଦିବ୍ୟ ରଞ୍ଜନ, ସି ଡ଼ି ପି ଓ କୋଟେଶ୍ୱରୀ ଦେବୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ପଂଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ କାନ୍ତ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ସାହୁ ଓ ସାଂସଦ ପ୍ରତିନିଧି ଆର. ସତୀଶ ମଞ୍ଚାସୀନ ଥିଲେ।

# ସିକଲ୍ ସେଲ୍ ରୋଗ ନିରାକରଣ ପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱାରୋପ

ରାୟଗଡା, ୧୯/୬ (ନି:ପ୍ର ):ବିଶ୍ୱ ସିକଲ୍ ସେଲ୍ ସଚେତନତା ଦିବସ ଅବସରରେ ଶୁକ୍ରବାର ରାୟଗଡା ଜିଲ୍ଲାରେ ସିକଲ୍ ସେଲ୍ ରୋଗ ସମ୍ପର୍କିତ ସଚେତନତା, ପ୍ରତିରୋଧ ଓ ପ୍ରାରମ୍ଭିକ ଚିହ୍ନଟକୁ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ସିକଲ୍ ସେଲ୍ ରୋଗ ନିରାକରଣ ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ ବିଶ୍ୱ ସିକଲ୍ ସେଲ୍ ସଚେତନତା ଦିବସ ଭାବେ ପାଳନ କରାଯାଏ। ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ସିକଲ୍ ସେଲ୍ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା, ପ୍ରତିରୋଧକ ଯାଞ୍ଚକୁ ପ୍ରୋତ୍ସାହନ ଦେବା ଓ ରୋଗର ପ୍ରାରମ୍ଭିକ ଚିହ୍ନଟ ମାଧ୍ୟମରେ ଉତ୍ତମ ଚିକିତ୍ସା ସେବା ଯୋଗାଇବା। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଏହି ରୋଗର ପ୍ରକୋପ ଅଧିକ ଥିବାରୁ ସଚେତନତା ଓ ସ୍କ୍ରିନିଂ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ ସିକଲ୍ ସେଲ୍ ଡିଜିଜ୍ (ଏସସିଡି) ଅନୁସୂଚିତ ଜନଜାତି ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ମଧ୍ୟରେ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ରହିଛି। ଏହି ରୋଗ ବଂଶାନୁକ୍ରମିକ ହୋଇଥିବାରୁ ଏହାର ଚିହ୍ନଟ ଓ ପ୍ରତିରୋଧ ପାଇଁ ପରିବାର ସ୍ତରରେ ସଚେତନତା ସୃଷ୍ଟି କରିବା ନିହାତି ଆବଶ୍ୟକ। ଭାରତ ସରକାରଙ୍କ ଜାତୀୟ ସିକଲ୍ ସେଲ୍ ଆନିମିଆ ନିରାକରଣ ମିଶନ ଅଧୀନରେ ୨୦୪୭ ସୁଦ୍ଧା ସିକଲ୍ ସେଲ୍ ରୋଗକୁ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ଦୂର କରିବାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଜିଲ୍ଲାର ବିଭିନ୍ନ ଆଦିବାସୀ ବହୁଳ ବ୍ଲକ, ଗ୍ରାମ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା ସଭା, ସ୍କ୍ରିନିଂ ଓ ପରାମର୍ଶ ଶିବିର ଆୟୋଜନ କରାଯିବା ସହ ରୋଗର ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କିତ ତଥ୍ୟ ସମ୍ବଳିତ ପ୍ରଚାର ପତ୍ର ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଚିହ୍ନଟ ହୋଇଥିବା ରୋଗୀ ଓ ବାହକମାନଙ୍କ ପାଇଁ ଜେନେଟିକ୍ କାଉନସେଲିଂ ଏବଂ ପରିବାର ସଚେତନତା କାର୍ଯ୍ୟକ୍ରମ ଉପରେ ମଧ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ କହିଥିଲେ ଯେ ପ୍ରାରମ୍ଭିକ ଚିହ୍ନଟ, ନିୟମିତ ଚିକିତ୍ସା, ଜନସଚେତନତା ଓ ସାମୁଦାୟିକ ସହଭାଗିତା ହିଁ ସିକଲ୍ ସେଲ୍ ରୋଗ ନିୟନ୍ତ୍ରଣର ମୁଖ୍ୟ ମାଧ୍ୟମ। ଏହି ଦିଗରେ ସରକାରୀ ବିଭାଗ, ସ୍ୱାସ୍ଥ୍ୟ ସଂସ୍ଥା ଓ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସ ଭବିଷ୍ୟତରେ ସିକଲ୍ ସେଲ୍ ମୁକ୍ତ ସମାଜ ଗଠନରେ ସହାୟକ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୁମା ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. କେ. ବରାହୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମମତା ଚୌଧୁରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ବ୍ଲକ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ସରକାରୀ ଏଏନଏମ୍ ପ୍ରଶିକ୍ଷଣ କେନ୍ଦ୍ର (ଏଏନଏମଟିସି )ର ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟକ୍ଷା ଉପସ୍ଥିତ ଥିଲେ। ସମସ୍ତେ ସିକଲ୍ ସେଲ୍ ରୋଗ ସଚେତନତା ବୃଦ୍ଧି ଏବଂ ଏହାର ନିରାକରଣ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଶପଥ ଗ୍ରହଣ କରିଥିଲେ।

## ବନ୍ୟା ଆଶ୍ରୟ ସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ସାମୂହିକ ଅଭ୍ୟାସ

ହିଞ୍ଜିଳିକାଟୁ, ୨୦।୬ (ନିପ୍ର): ଓଡ଼ିଶାର ଉପକୂଳ ଜିଲ୍ଲା ଗଞ୍ଜାମ ବିଭିନ୍ନ ସମୟରେ ବହୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ନଜିର ରହିଛି। ଏହାକୁ ପ୍ରତିହତ କରିବା ପାଇଁ ପ୍ରଶାସନିକ ସ୍ତରରେ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯେପରି କାହାରି ଅମୂଲ୍ୟ ଜୀବନଟିଏ ବି କ୍ଷତିଗ୍ରସ୍ତ ନ ହୁଏ ସେଥିପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଶୁନ୍ୟ ସହନଶୀଳତା ନୀତି ପାଳନ କରା ଯାଇଛି। ମୌସୁମୀ ବର୍ଷା ଆଗମନ ପୂର୍ବରୁ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ଲାଗି ପ୍ରଶାସନିକ ସ୍ତରରେ ଅଗ୍ରାଧିକାର ଦିଆଯାଇଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ହିଞ୍ଜିଳିକାଟୁ ବ୍ଲକ ରାଳବ ପଞ୍ଚାୟତରେ ଏକ ସାମୂହିକ ଅଭ୍ୟାସ ତଥା




ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଳବ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ମହାନ୍ତି, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୀଲ କୁମାର ପ୍ରଧାନ,ଆମ୍ବା ଉପଦେଷ୍ଟା ଗନ୍ତାୟତ ଦଳେଇ, ସ୍ୱାସ୍ଥ୍ୟକର୍ମୀ ମୌସୁମୀ ପାଣିଗ୍ରାହୀ, ସମ୍ପର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅରୁଣ କୁମାର ପଟ୍ଟନାୟକ,ସମ୍ପାଦକ କାଳୀ ଚରଣ ଦଳାଇ, ଏଡିଇଓ ଗଜେନ୍ଦ୍ର ଗୌଡ଼, ବିଏଫଟି ବୃନ୍ଦାବନ ଗୌଡ, ଶିଶିର ପାଣ୍ଡି ଓ ଚନ୍ଦନ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ସୂଚନା ପୂର୍ବରୁ ବିଭିନ୍ନ ଯନ୍ତ୍ରାଂଶ, ଉପକରଣ ଓ କୌଶଳ ଉପଯୋଗ କରି ତତ୍କାଳ ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରି ସେମାନଙ୍କୁ ଖାଦ୍ୟପେୟ, ଔଷଧ, ପାନୀୟ ଜଳ ଓ ଆଲୋକ ଭଳି ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ସଚେତନତା ଓ ସତର୍କତା ଉପରେ ସାମୂହିକ ଅଭ୍ୟାସ ମାଧ୍ୟମରେ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ରାଳବ ପଞ୍ଚାୟତର ଆଲପୁର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସମିତି ସଭ୍ୟା ପ୍ରତିନିଧି ଦିଲ୍ଲୀପ ପୋଲେଇ, ସମ୍ପାଦକ ଅଶୋକ କୁମାର ପୋଲେଇ, ସୁପର ଭାଇଜର ସାରଦା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ଗିରିଆ ନାରାୟଣପୁର ,ଖରିଡା, ଖଣ୍ଡରା, ଚାନ୍ଧୁଲି, ବୁରୁପଡା ଓ ବଳରାମପୁର ଆଦି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ ପରିସରରେ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନେଇ ସିଧାମୂଳା ଗ୍ରାମବାସୀଙ୍କ ଧାରଣା ୨୨ ରେ

ଖଣ୍ଡପଡ଼ା, ୨୦।୬ (ନିପ୍ର):ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମବାସୀ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଆସନ୍ତା ୨୨ ତାରିଖ ସୋମବାର ଗଣିଆସ୍ଥିତ ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଜଣାପଡିଛି। ବାରମ୍ବାର ଅଭିଯୋଗ ଓ ଦାବି ସତ୍ତ୍ୱେ ମଧ୍ୟ ଟାଟା ପାୱାର କର୍ତ୍ତୃପକ୍ଷ ବିଦ୍ୟୁତ ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ସିଧାମୂଳା ଗ୍ରାମରେ ୧୩୦୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ଥିବା ବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଟାଟା ପାୱାର କର୍ତ୍ତୃପକ୍ଷ ବିଦ୍ୟୁତ ସେବା ଯୋଗାଇ ଦେବା ଆଳରେ ଗ୍ରାମବାସୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଗ୍ରାମର ଶିବ ମନ୍ଦିର ନିକଟରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରିବା, ନିକଟସ୍ଥ ବଳରାମପ୍ରସାଦ ଗ୍ରାମରେ ୧୧ କେଭି ପରିବର୍ତ୍ତେ ସିଧାମୂଳା ଗ୍ରାମରେ ୧୧ କେଭିର ବ୍ୟବସ୍ଥା କରିବା ସହ ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟକୁ କେବୁଲ ତାର ସଂଯୋଗୀକରଣ ଓ ଓଭର ଲୋଡିଂ ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆଦି ଦାବି ନେଇ ସିଧାମୂଳା ଗ୍ରାମବାସୀ ଲିଖିତ ଭାବେ ଗଣିଆସ୍ଥିତ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କର୍ତ୍ତୃପକ୍ଷ ସବୁ ଜାଣି କିଛି ନ ଜାଣିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

ଭଦ୍ରକ, ୨୦।୬ (ନିପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ "ବିକାଶର ଧାରା, ଓଡ଼ିଶା ସାରା" କାର୍ଯ୍ୟକ୍ରମ ଅନ୍ତର୍ଗତ "ପ୍ରାକୃତିକ ଓ ଜୈବିକ କୃଷି" ବିଷୟବସ୍ତୁ ଉପରେ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ଭଦ୍ରକ ଜିଲ୍ଲାର ରାଣୀତାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ, କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧି ଏବଂ କୃଷି କ୍ଷେତ୍ରର ବିଭିନ୍ନ ଅଂଶୀଦାରମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ।ଭଦ୍ରକ ଲୋକସଭା କ୍ଷେତ୍ରର ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ।

## ସହର ବୁଲା କୁକୁରଙ୍କ ଉପଦ୍ରବ ରାସ୍ତାରେ ରାତିରେ ଯିବାକୁ ଭୟ

ପାରଳାଖେମୁଣ୍ଡି, ୨୦।୬ (ନିପ୍ର); ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ରାଣୀପେଣ୍ଠ ଛକ, ରାମସାଗର ଛକ, ସୀତାସାଗର ଛକ ସମେତ ବିଭିନ୍ନ ଅଞ୍ଚଳରେ ବୁଲା କୁକୁରଙ୍କ ଉପଦ୍ରବ ଦେଖୁବାକୁ ମିଳୁଛି। ରାତି ସମୟରେ କୁକୁର ଦଳବଦ୍ଧ ଭାବେ ରାସ୍ତାରେ ବୁଲୁଥିବାରୁ ଯାତାୟାତ ବେଳେ ଲୋକେ ଭୟ କରୁଛନ୍ତି। ଏହି ବୁଲା କୁକୁରଙ୍କ ଯୋଗୁ ବିଭିନ୍ନ ସମୟରେ ଦୁଇଚକିଆ ଗାଡିଚାଳକମାନେ ଦୁର୍ଘଟଣାର ହେବା ସହ ସ୍କୁଲ ଓ କଲେଜ ଯିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସହରରେ ପ୍ରତ୍ୟହ ୩୦ରୁ ୪୦ ଜଣ କୁକୁର କାମୁଡାର ଶିକାର ହେଉଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫାର୍ମାସିଷ୍ଟ ସୁଶୀଲ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ଦୁଇ ମାସ ମଧ୍ୟରେ ୫୫୦ ଜଣ କୁକୁର କାମୁଡାର ଶିକାର ହୋଇ ଜଳାନ୍ତକ ଟିକା ନେଇଛନ୍ତି। ଏପ୍ରିଲ ମାସରେ ୧୭୦ ଜଣ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଜଳାତକ ଟିକା ନେଇଥିବା ବେଳେ ମେ ମାସରେ ୧୮୦ ଜଣ ଏହି ଟିକା ନେଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ପୌର ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, ସହରରେ ବୁଲା କୁକୁରଙ୍କ ଟିକାକରଣ ଓ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ନେଇ ପ୍ରାଣୀ ଚିକିତ୍ସା ବିଭାଗ ସହ ଆଲୋଚନା ହୋଇଛି।

## ତୋଫାନ ବିନ୍ଧାଣୀ ହତ୍ୟା ମାମଲାରେ ୫ ଅଭିଯୁକ୍ତ ଗିରଫ

ରାଉରକେଲା, ୨୦।୬ (ନିପ୍ର): ୨୦୨୬ ଜୁନ୍ ୧୬ ତାରିଖରେ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ର ତୋଫାନ ବିନ୍ଧାଣୀଙ୍କ ହତ୍ୟା ମାମଲାରେ ଶନିବାର ସକାଳେ ରାଉରକେଲା ପୋଲିସ୍ ଦୁଇଜଣ ଅପରାଧୀଙ୍କୁ ଏନକାଉଣ୍ଟର କରିବା ସହିତ ୫ ଅପରାଧିଙ୍କୁ ଗିରଫ୍ କରିଛି। ଝିରପାଣିରେ ପୋଲିସର ଏନକାଉଣ୍ଟରରେ ଦୁଇ ଅପରାଧି ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ ପୂର୍ବ ବିବାଦ ଯୋଗୁଁ ଅଭିଯୁକ୍ତଙ୍କ ଏକ ଗୋଷ୍ଠୀ ସେକ୍ଟର-୬ ଅନ୍ତର୍ଗତ ରାମେଶ୍ୱରପାଲିର ତୋଫାନ ବିନ୍ଧାଣୀଙ୍କ ସମେତ ତାଙ୍କ ସହଯୋଗୀମାନଙ୍କୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣରେ ଆହତ ହୋଇଥିବା ତୋଫାନ ବିନ୍ଧାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ପୋଲିସ୍ ତଦନ୍ତ ସମୟରେ, ରାଉରକେଲା ପୋଲିସ ଝିରପାଣି ଅଞ୍ଚଳରେ ଅଭିଯୁକ୍ତଙ୍କ ଗତିବିଧି ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ସୂଚନାକୁ ଆଧାର କରି, ଆଜି ଜୁନ୍ ୨୦ ତାରିଖ ପ୍ରତ୍ୟୁଷରେ ରାଉରକେଲା ପୋଲିସ୍ ପକ୍ଷରୁ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ପୋଲିସର ଅପରେସନ ସମୟରେ, ଅଭିଯୁକ୍ତମାନେ ପୋଲିସ ଦଳ ଉପରେ ଗୁଳି ଚଳାଇଥିଲେ। ପରେ ପୋଲିସ ଆତ୍ମରକ୍ଷା ପାଇଁ ପ୍ରତିଶୋଧ ନେଇଥିଲା। ଗୁଳି ବିନିମୟ ସମୟରେ ଦୁଇ ଅଭିଯୁକ୍ତ ଆହତ ହୋଇଥିଲେ ଏବଂ ସେମାନଙ୍କୁ ତୁରନ୍ତ ରାଉରକେଲା ସରକାରୀ ହସ୍ପିଟାଲକୁ ଡାକ୍ତରୀ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ସେମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ପଚରାଉଚରା ଆଧାରରେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ ଗୋଲଘରର ସୁଶାନ୍ତ ନାୟକ ଓରଫ୍ ଲଣ୍ଡା ବାବୁ (୩୦) ଏନକାଉଣ୍ଟରରେ ଆହତ ହୋଇ ଆରଜିଏଚରେ ଚିକିତ୍ସାଧୀନ, ରାଉରକେଲା ସେକ୍ଟର-୭ ଥାନା ଅଧୀନସ୍ଥ ସେକ୍ଟର-୬ ନାରାୟଣପାଲ୍ଲୀର ଚିନୁ ହରିପ୍ସା (୨୩) ଏନକାଉଣ୍ଟରରେ ଆହତ ହୋଇ ଆରଜିଏଚରେ ଚିକିତ୍ସାଧୀନ, ରାଉରକେଲା ସେକ୍ଟର-୭ ଥାନା ଅଧୀନସ୍ଥ ସେକ୍ଟର-୫ କବିସମ୍ରାଟପାଲ୍ଲୀର ରୋହିତ ମୁଖୀ (୩୨), ସେକ୍ଟର-୭ ଥାନା ଅଧୀନସ୍ଥ ସେକ୍ଟର-୫ ଗୋଲଘର ଗଞ୍ଜାମପାଲ୍ଲୀ ବସ୍ତିର ରୋହିତ ହରିପ୍ସା (୨୩), ରାଉରକେଲା ଝିରପାଣି ନିକଟ ପମ୍ପ ହାଉସ୍ ବସ୍ତିର ବାସିନ୍ଦା ହୋଇଥିଲା ବେଳେ ବର୍ତ୍ତମାନ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୭, ଭିଏସ୍ଏସପାଲ୍ଲୀର ଜନସନ୍ ନାଗ (୨୬)। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଫୌଜଦାରୀ ମାମଲା ରହିଛି। ସେଥିମଧ୍ୟରୁ ସୁଶାନ୍ତ ନାୟକ ଓରଫ୍ ଲଣ୍ଡା ବାବୁ ନାମରେ ୨୦୧୬ରେ ସେକ୍ଟର-୭ ଥାନାରେ ୩ଟି ମାମଲା, ଅଭିଯୁକ୍ତ ରୋହିତ ମୁଖି ନାମରେ ସେକ୍ଟର-୩ ଥାନାରେ ୨୦୧୬ ଏବଂ ୨୦୨୨ରେ ଦୁଇଟି ମାମଲା, ଅଭିଯୁକ୍ତ ରୋହିତ ହରିପା ନାମରେ ସେକ୍ଟର-୭ ଥାନାରେ ଗୋଟିଏ, ଅଭିଯୁକ୍ତ ଜନସନ୍ ନାଗ୍ ନାମରେ ଝିରପାଣି ଥାନାରେ ୨୦୧୯ରେ ଗୋଟିଏ ମାମଲା ଥିଲାବେଳେ ରୋହିତ ହରିପ୍ସା ନାମରେ ତଦନ୍ତ ଜାରି ରହିଛି ବୋଲି ବୋଲି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ। ରାଉରକେଲା ପୋଲିସ ପକ୍ଷରୁ ଅପରାଧିଙ୍କ ନିକଟରୁ ଗୋଟିଏ ଦେଶୀ ନିର୍ମିତ ପିସ୍ତଲ, ଗୋଟିଏ ମ୍ୟାଗାଜିନ୍, ଗୋଟିଏ ଜୀବନ୍ତ କାର୍ଟିଜ, ଦୁଇଟି ଖାଲି କାର୍ଟିଜ କେସ୍, ଦୁଇଟି ଟାଙ୍ଗିଆ/କୁରାଢ଼ି ଅପରାଧର ସନ୍ଦେହଜନକ ଅସ୍ତ୍ର, ଗୋଟିଏ ଫାର୍ସା ଅପରାଧର ସନ୍ଦେହଜନକ ଅସ୍ତ୍ର, ଦୁଇଟି ସ୍ମାର୍ଟଫୋନ୍, ଗୋଟିଏ କିପ୍ୟାଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି।

## ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣମୂଳକ ଯୋଜନାର ସମୀକ୍ଷା

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରି ଲୋକଙ୍କ ନିକଟରେ ସୁବିଧା ପହଞ୍ଚାଅ

କଟକ, ୨୦।୬(ନିପ୍ର):ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି, ସରକାରଙ୍କ ପ୍ରମୁଖ ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ଏବଂ ଜନସେବାମୂଳକ କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ଶୁକ୍ରବାର ଅର୍ଥ ବିଭାଗର ପ୍ରମୁଖ ସଚିବ ତଥା କଟକ ଜିଲ୍ଲାର ନୋଡାଲ ସଚିବ ସଞ୍ଜିବ କୁମାର ମିଶ୍ର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର ଅଗ୍ରଗତି ସମ୍ପର୍କରେ ନୋଡାଲ ସଚିବଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସପି ବିନୀତ ଅଗ୍ରୱାଲ, କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋତା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ କଟକ ମହାନଗର ନିଗମ ଅଧୀନରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ଅଡିଟୋରିୟମ ନିର୍ମାଣ, ବିଶ୍ୱନାଥ ପଣ୍ଡିତ



ପାଠାଗାରର କାର୍ଯ୍ୟ, ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସମାଧାନ, ଫୁଡ୍ କୋର୍ଟ ନିର୍ମାଣ ଆଦି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଶ୍ରୀ ମିଶ୍ର ଅବଗତ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଡିସିପି ଶ୍ରୀ ଖିଲାରୀ ସମୀକ୍ଷା କରି ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ପ୍ରଶାସନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରାଯାଇଥିଲା। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସହାୟକଙ୍କ ସୁବିଧା ପାଇଁ ଆଶ୍ରୟ ଗୃହ ନିର୍ମାଣ ଉପରେ ନୋଡାଲ ସଚିବ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସମାଜ ମଙ୍ଗଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନା, ପୋଷଣ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆଦିର ପ୍ରଗତି ନେଇ ଆଲୋଚନା ହୋଇଥିଲା। ସେହିପରି ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କୃଷି, ଉଦ୍ୟାନ କୃଷି, ହସ୍ତଶିଳ୍ପ ଓ ହସ୍ତତନ୍ତ, ଯୋଗାଣ, ପର୍ଯ୍ୟଟନ, ସଂସ୍କୃତି ଓ ଶିକ୍ଷା ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ନୋଡାଲ ସଚିବ ପଚାରି ବୁଝିଥିଲେ। ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମିଶ୍ର ସମସ୍ତ ବିଭାଗକୁ କାର୍ଯ୍ୟର ଗତି ବୃଦ୍ଧି କରିବା ସହ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ। ଲୋକମାନଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ସଠିକ ଭାବେ ପହଞ୍ଚିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ପୂର୍ବରୁ ଶ୍ରୀ ମିଶ୍ର ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର, ଶିଶୁ ଯତ୍ନ ଅନୁଷ୍ଠାନ, ଅକ୍ଷୟ ପାତ୍ର ଫାଉଣ୍ଡେସନ ଓ ତାରକସୀ ହବ୍ ପରିଦର୍ଶନ କରି ସେଠାରେ ଚାଲିଥିବା କାର୍ଯ୍ୟକ୍ରମ ଓ ସେବା ସମ୍ପର୍କରେ ଅବଗତ ହୋଇଥିଲେ।

## ୧୬ ଔଷଧ ଉପରେ ଲାଗିଲା ପ୍ରତିବନ୍ଧକ

ନୂଆଦିଲ୍ଲୀ୨୦।୬: ରୋଗୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବଜାରରେ ବିକ୍ରି ହେଉଥିବା ୧୬ଟି ଫିକ୍ସଡ୍ ଡୋଜ୍ କମ୍ବିନେସନ୍ ଔଷଧର ଉତ୍ପାଦନ, ବିକ୍ରି ଏବଂ ବିତରଣ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଡ୍ରଗ୍ସ ଆଣ୍ଡ୍ କସମେଟିକ୍ସ ଆକ୍ଟ ୧୯୪୦ର ଧାରା ୨୬ (କ) ଅନୁଯାୟୀ ସରକାର ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶେଷଜ୍ଞ କମିଟି, ଡ୍ରଗ୍ସ ଟେକ୍ନିକାଲ ଆଡଭାଇଜରୀ ବୋର୍ଡ ଏବଂ ଏହାର ଉପ- ସମିତି ଦ୍ୱାରା କରାଯାଇଥିବା ସମୀକ୍ଷାରୁ ଜଣାପଡ଼ିଛି ଯେ, ଏହି ଔଷଧଗୁଡ଼ିକର କୌଣସି ଦୃଢ଼ ଚିକିତ୍ସା ଆଧାର ନାହିଁ। ଏହି କମ୍ବିନେସନ୍ ଦ୍ୱାରା ରୋଗୀଙ୍କୁ କୌଣସି ଅତିରିକ୍ତ ଲାଭ ମିଳିବାର ବୈଜ୍ଞାନିକ ପ୍ରମାଣ ମଧ୍ୟ ନାହିଁ ବରଂ ଏହା ଦ୍ୱାରା ଶରୀର ପ୍ରତି ବିପଦ ବଢ଼ିପାରେ। ୨୦୨୧ରୁ ଏହି ସମୀକ୍ଷା ପ୍ରକ୍ରିୟା ଚାଲିଥିଲା ଏବଂ ଡିସେମ୍ବର ୨୦୨୪ ରେ ଉପ-ସମିତି ଏହାକୁ ବ୍ୟାନ କରିବା ପାଇଁ ସୁପାରିଶ କରିଥିଲା। ବ୍ୟାନ୍ ହୋଇଥିବା ୧୬ଟି ଔଷଧ ମଧ୍ୟରେ ଅନେକ ଜରୁରୀ ଆଣ୍ଟିବାୟୋଟିକ୍, ପେଟ ଯନ୍ତ୍ରଣା ସହ ଜଡ଼ିତ ଔଷଧ ଏବଂ ମଧୁମେହ ବା ଡାଇବେଟିସ୍ ଔଷଧ ରହିଛି। ସରକାରଙ୍କ କହିବା ଅନୁଯାୟୀ, ରୋଗୀଙ୍କ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ କେବଳ ବୈଜ୍ଞାନିକ ଆଧାର ଥିବା ସୁରକ୍ଷିତ ଔଷଧକୁ ହିଁ ବଜାରରେ ବିକ୍ରି ପାଇଁ ଅନୁମତି ଦିଆଯିବ।

## ହର୍ମୁଜ ପାର ହେଲେ ଆଉ ୩ ଭାରତୀୟ ପତାକା ଥିବା ତୈଳ ଟ୍ୟାଙ୍କର

ନୂଆଦିଲ୍ଲୀ,୨୦।୬: କେନ୍ଦ୍ରୀୟ ବନ୍ଦର, ପୋତ ପରିବହନ ଓ ଜଳ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଶନିବାର କହିଛନ୍ତି ଯେ ଭାରତ ପତାକା ଥିବା ୩ ଅଶୋଧିତ ତୈଳ ଟ୍ୟାଙ୍କର ଜାହାଜ ହର୍ମୁଜ ପ୍ରଣାଳୀ ପାର କରିଛନ୍ତି। ଏହି ଜାହାଜମାନଙ୍କରେ ୯୪ ଜଣ ଭାରତୀୟ ଚାଳକ ଦଳ ସଦସ୍ୟ ଅଛନ୍ତି। ଏହି ୩ଟି ତୈଳବାହୀ ଟ୍ୟାଙ୍କର ଜାହାଜରେ ପାଖାପାଖି ୮.୬ ଲକ୍ଷ ଟନରୁ ଅଧିକ ଅଶୋଧିତ ତୈଳ ଅଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ 'ଦେଶ ବୈଭବ', 'ଦେଶ ବିଭୋର' ଓ 'ସନମାର ହେରାଲ୍ଡ' ନାମକ ଏହି ଟ୍ୟାଙ୍କର ଜାହାଜ ୨୪ ଜୁନରୁ ଜୁଲାଇ ୧ ତାରିଖ ସୁଦ୍ଧା ଭାରତ ପହଞ୍ଚିବାର ସମ୍ଭାବନା ରହିଛି। ଏଥିରେ ଦେଶ ବୈଭବ ଜୁନ ୨୪ ତାରିଖ ଦିନ ଭାଡିନାର ବନ୍ଦରରେ ଲାଗିବାର ସମ୍ଭାବନା ରହିଛି। ସେହିପରି ଦେଶ ବିଭୋର ମଧ୍ୟ ସେହିଦିନ ସିକ୍କା ପୋର୍ଟକୁ ପହଞ୍ଚିବାର ଅନୁମାନ କରାଯାଉଛି। ତୃତୀୟ ଭାରତୀୟ ପତାକାଧାରୀ ଟ୍ୟାଙ୍କର ଯିଏ ଶନିବାର ହର୍ମୁଜ ପ୍ରଣାଳୀ ପାର କରିଛି ଏହା ହୁଏତ ଜୁଲାଇ ୧ ତାରିଖରେ ଓଡ଼ିଶାର ପାରାଦ୍ୱୀପ ବନ୍ଦରକୁ ପହଞ୍ଚିବ। କେନ୍ଦ୍ରମନ୍ତ୍ରୀ ସୋନୱାଲ ଏ ନେଇ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ସୋନୱାଲ ଉଲ୍ଲେଖ କରିଛନ୍ତି ଯେ ଭାରତ ପତାକା ଥିବା ୩ ଅଶୋଧିତ ତୈଳ ଟ୍ୟାଙ୍କର ୯୪ ଭାରତୀୟ ଚାଳକ ଦଳ ସଦସ୍ୟଙ୍କ ସମେତ ୮.୬ ଲକ୍ଷ ଟନରୁ ଅଧିକ ତୈଳ ବୋଝେଇ ନେଇ ଆଜି ହର୍ମୁଜ ପ୍ରଣାଳୀ ପାର କରିଛନ୍ତି । ଏବେ ଭାରତକୁ ମୁହାଁଇଛନ୍ତି। ସେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱରେ ସରକାର ଭାରତର ସାମୁଦ୍ରିକ ହିତ ସୁରକ୍ଷାର ସର୍ବୋଚ୍ଚ ପ୍ରାଥମିକତା ସୁନିଶ୍ଚିତ କରିବାକୁ କାର୍ଯ୍ୟ କରୁଛନ୍ତି।

## ଜନକଲ୍ୟାଣ ଲାଗି ୯୯% ସମ୍ପତ୍ତି ଦାନ କରିବେ ୱାରେନ ବଫେଟ୍

ନୂଆଦିଲ୍ଲୀ,୨୦/୬: ବିଶିଷ୍ଟ ନିବେଶକ ତଥା ବର୍କସାୟାର ହାଥାୱେର ଅଧ୍ୟକ୍ଷ ୱାରେନ ବଫେଟ୍ ଜନକଲ୍ୟାଣ ଲାଗି ତାଙ୍କର ୯୯% ସମ୍ପତ୍ତି ଦାନ କରିବେ । ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୦୦ ବିଲିୟନ ଡଲାର ହେବ । ସମ୍ପତ୍ତିକୁ ପରବର୍ତ୍ତି ପିଢ଼ିଙ୍କ ଲାଗି ଛାଡି ଯିବା ପରିବର୍ତ୍ତେ ଏହାକୁ ଦାତବ୍ୟ କାମ ଲାଗି ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି ବଫେଟ୍ । ତାଙ୍କର ଏହି ନୀତି ସାମାଜିକ ଉତ୍ତରଦାୟିତ୍ୱ, ସ୍ୱଚ୍ଛତା ଏବଂ ସୁଯୋଗ ଉପରେ ପର୍ଯ୍ୟବେସିତ। ୨୦୨୪ରେ ସେ ଏକ ବିବୃତ୍ତିରେ କହିଥିଲେ, କୌଣସି ବଂଶଗତ ଐତିହ୍ୟ ରଖିବାକୁ ଆଗ୍ରହୀ ନୁହେଁ। ସମାଜରେ ସକରାତ୍ମକ ପ୍ରଭାବ ଆଣିବା ଦିଗରେ ସମ୍ପତ୍ତିର ଅର୍ଥ ଖର୍ଚ୍ଚ ହେଉ। ସମ୍ପତ୍ତି କୌଣସି ଏକକ ପରିବାରରେ ନ ରହି ସମାଜକୁ ପ୍ରତିଦାନ ଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉ । ମୋ ମୃତ୍ୟୁ ପରେ ଦାତବ୍ୟ ଅନୁଷ୍ଠାନର ଦେଖାରେଖା ପରିବାର ଦାୟାଦ ମାନେ କରିବେ । ଦାତବ୍ୟ କାର୍ଯ୍ୟକ୍ରମକୁ ସେମାନେ ଆଗକୁ ଜାରି ରଖିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିଗତ କିଛି ଦଶନ୍ଧି ଧରି ୱାରେନ ବଫେଟ୍ ବୃହତ ପରିମାଣରେ ଅର୍ଥ ଦାନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ବିକାଶ ଭଳି କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯାଇଛି।

## ମେଲୋନି-ଟ୍ରମ୍ପ ପୁଣି ମୁହାଁମୁହିଁ

ୱାସିଂଟନ,୨୦।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ମଧ୍ୟରେ ଆରମ୍ଭ ହୋଇଥିବା କୂଟନୈତିକ ବିବାଦ ଥମିବାର ନାଁ ନେଉନାହିଁ। ଫ୍ରାନ୍ସରେ ଅନୁଷ୍ଠିତ ଜି୭ ବୈଠକରେ ମେଲୋନି ତାଙ୍କ ସହିତ ଫଟୋ ଉଠାଇବାକୁ ବ୍ୟାକୁଳ ହୋଇ ବାରମ୍ବାର ଅନୁରୋଧ କରୁଥିବା ଟ୍ରମ୍ପ କହିବା ପରେ ମେଲୋନି ଏହାକୁ ଦୃଢ଼ ଖଣ୍ଡନ କରିଥିଲେ। ଟ୍ରମ୍ପ ମନଗଢ଼ା କାହାଣୀ କହି ତାଙ୍କୁ ଅତି ନିମ୍ନସ୍ତରରେ ଚିତ୍ରିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମେଲୋନି ତାଙ୍କ ଜବାବରେ କହିଥିଲେ। ସେ ଦୃଢ଼ତାର ସହ କହିଥିଲେ ଯେ, ମୁଁ କିମ୍ବା ଇଟାଲୀ କେବେ କାହା ଆଗରେ ଭିକ ମାଗନ୍ତି ନାହିଁ। ତେବେ ଏତିକିରେ ଟ୍ରମ୍ପ ଥମି ନଥିଲେ। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି କହିଛନ୍ତି ଯେ, ମେଲୋନି ଏପରି ରଣନୀତି ଗ୍ରହଣ କରିଛନ୍ତି, କାରଣ ସେ ଇଟାଲୀରେ ଭଲ ପ୍ରଦର୍ଶନ କରୁନାହାନ୍ତି। ଇଟାଲୀକୁ ପ୍ରକୃତରେ ଭଲ ପାଉଥିବା ଓ ସୁରକ୍ଷା ଦେଉଥିବା ଆମେରିକାକୁ ଇରାନ ବିରୋଧରେ ନିଜର ଏୟାରଷ୍ଟ୍ରିପ୍ ବ୍ୟବହାର କରିବାକୁ ମନା କରିବା ଯୋଗୁ ଇଟାଲୀରେ ତାଙ୍କ ଲୋକପ୍ରିୟତା ପ୍ରଭାବିତ ହୋଇଛି। ଟ୍ରମ୍ପ ମଧ୍ୟ ତାଙ୍କୁ ବିବାଦରେ ଇଟାଲୀର ସହଯୋଗୀ ଆମେରିକା ଅପେକ୍ଷା ଇରାନକୁ ସମର୍ଥନ କରିବା ପାଇଁ ଦାୟୀ କରିଥିଲେ। ଆମେରିକା ରାଷ୍ଟ୍ରପତି ଆହୁରି ଦାବି କରିଥିଲେ ଯେ, ମେଲୋନି ତାଙ୍କ ଲୋକପ୍ରିୟତା ବଢ଼ାଇବା ପାଇଁ ତାଙ୍କ ସହିତ ବନ୍ଧୁ ହେବାକୁ ଚାହୁଁଥିଲେ। ଜବାବରେ ମେଲୋନି କହିଥିଲେ, ଟ୍ରମ୍ପଙ୍କର ନିରନ୍ତର, ଅପ୍ରବର୍ତ୍ତିତ ଆକ୍ରମଣ ଅର୍ଥହୀନ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ମେଲୋନି ଅତି କଠୋର ଶବ୍ଦରେ ଜବାବ ଦେଇ କହିଛନ୍ତି ଯେ, ମୋର ଲୋକପ୍ରିୟତା ତୁମର ବନ୍ଧୁ ହେବା କିମ୍ବା ତୁମ ସହିତ ମୋର ସମ୍ପର୍କ ଉପରେ ନିର୍ଭର କରେ ନାହିଁ। ମୋର ଲୋକପ୍ରିୟତା ଇଟାଲୀର ଜାତୀୟ ସ୍ୱାର୍ଥକୁ ରକ୍ଷା କରିବାର ମୋର କ୍ଷମତା ଉପରେ ନିର୍ଭର କରେ ଓ ମୁଁ ସବୁବେଳେ ତାହା କରି ଆସିଛି। ଜି-୭ ସମ୍ମିଳନୀ ଶେଷ ହେବାର କିଛି ଦିନ ପରେ ଟ୍ରମ୍ପ ଏକ ଇଟାଲୀୟ ଟିଭି ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ଆଶ୍ଚର୍ଯ୍ୟଜନକ ଭାବେ ଦାବି କରି କହିଥିଲେ ଯେ, ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି ତାଙ୍କ ସହ ଏକ ଫଟୋ ଉଠାଇବା ପାଇଁ ବ୍ୟାକୁଳ ହେଉଥିଲେ ।

### ପଶ୍ଚିମବଙ୍ଗ ଦିବସରେ ମୋଦିଙ୍କ ଅଭିଭାଷଣ

# ବଙ୍ଗାଳାରେ ଏବେ ନୂଆ ସତେଜତା, ଗୌରବ ଫେରୁଛି



ନୂଆଦିଲ୍ଲୀ,୨୦।୬ : ପଶ୍ଚିମବଙ୍ଗ ଦିବସର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ପବନରେ ଏବେ ଏକ ନୂଆ ସତେଜତା। ଏଠାରେ ପ୍ରତି କଣିକାରେ ନୂଆ ବାସ୍ନା ମହକୁଛି। ଏମିତି ଲାଗୁଛି ଯେ, ଯେମିତି ବଙ୍ଗଳା ବନ୍ଧନ ମୁକ୍ତ ହୋଇ ଯାଇଛି। ଯେମିତି ବଙ୍ଗଳାର ଗୌରବ ଫେରିବା ଆରମ୍ଭ ହୋଇ ଯାଇଛି। ଆଜିର କାର୍ଯ୍ୟକ୍ରମ ଏହା ସାକ୍ଷୀ ଯେ, ଆମର ବଙ୍ଗଳା ନିଜର ନୂଆ ଭବିଷ୍ୟତର ନିର୍ମାଣରେ ଲାଗି ଯାଇଛି। ପିଏମ୍ ମୋଦି କହିଛନ୍ତି ଯେ, ବଙ୍ଗଳାର ଲୋକଙ୍କ ଚେହେରାର ଚମକ , ଗାଁ ଗାଁରେ ଖୁସି ଓ ବିଶ୍ୱାସର ଭାବ ଆପଣଙ୍କ ଆନନ୍ଦରେ ଭାଗିଦାର ହେବାକୁ ଆସିଛି। ଆପଣଙ୍କର ଗୋଟିଏ ଭୋଟ୍, ଗୋଟିଏ ନିର୍ବାଚନ କେତେ ପରିବର୍ତ୍ତନ କରିପାରେ। ଏହି ବଙ୍ଗଳାରେ ସ୍ପଷ୍ଟ ନଜର ଆସୁଛି। ପିଏମ୍ ମୋଦି ଶନିବାର ପଶ୍ଚିମବଙ୍ଗ ଦିବସର ଅବସରରେ ତାରକେଶ୍ୱରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ପିଏମ୍ କିସାନର ୨୩ ତମ କିସ୍ତି ଜାରି କରିଛନ୍ତି, ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଆରମ୍ଭ କରିଛନ୍ତି, ହାଓଡ଼ା ଜିଲ୍ଲାରେ ସଙ୍କରେଲ-ସନ୍ତରାଗାଛି ଲିଙ୍କ୍ ଲାଇନ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ, ହାଓଡ଼ାରେ ଏକ ନୂତନ ୩୦୦ ଶଯ୍ୟା ବିଶିଷ୍ଟ ଡିଭିଜନାଲ ରେଳ ହସ୍ପିଟାଲର ଶିଳାନ୍ୟାସ କରିଥିଲେ ଏବଂ ପୂର୍ବ ମେଦିନୀପୁର ଜିଲ୍ଲାର ହାଓର ଏବଂ ରାଧାମୋହନପୁର ମଧ୍ୟରେ ଏକ ରାସ୍ତା ଓଭରବ୍ରିଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ ଘୋଷଣା କରିଥିଲେ। ସେ କହିଥିଲେ - ପୂରା ବଙ୍ଗଳାକୁ ପାକିସ୍ତାନର ଏକ ଅଂଶ କରିବା ପାଇଁ ନିୟୋଜିତ ଥିଲେ। କଂଗ୍ରେସ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲା। ସେହି ସମୟରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ସ୍ୱର ଉଠାଇ ଥିଲେ। ସେ ଘୋଷଣା କରିଥିଲେ ଯେ ,ସମଗ୍ର ବଙ୍ଗଳା ପାକିସ୍ତାନର ଏକ ଅଂଶ ହେବ ନାହିଁ। ଏଥିପାଇଁ , ବଙ୍ଗଳା ହିନ୍ଦୁ ହୋମଲ୍ୟାଣ୍ଡ ଆନ୍ଦୋଳନ ଆରମ୍ଭ ହୋଇ ଥିଲା। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ, ମେଘନାଦ ସାହା, ଆରଜି ମଜୁମଦାର, ଯଦୁ ନାଥ ସରକାର ଏବଂ ବଙ୍ଗଳାର ଅନେକ ପ୍ରମୁଖ ବ୍ୟକ୍ତି ଏହି ଆନ୍ଦୋଳନର ଅଂଶ ହୋଇ ଥିଲେ। ଜିଡି ବିର୍ଲାଙ୍କ ପରି ଉଦ୍ୟୋଗୀମାନେ ଏହାକୁ ଆଗକୁ ନେଇ ଥିଲେ। ସେ କହିଥିଲେ ଯେ ବଙ୍ଗଳାର ଯେଉଁ ସ୍ୱରକୁ ଦମନ କରାଯାଇ ଥିଲା, ଏହି ଆନ୍ଦୋଳନରୁ ଏହି ସ୍ୱର ପୁଣି ଥରେ ତେଜି ଉଠିଛି। ଫଳସ୍ୱରୂପ, ଭାରତ ବିରୋଧୀ ଲୋକଙ୍କୁ ଏହା ଜଣାପଡ଼ିଗଲା ଯେ, ସମଗ୍ର ବଙ୍ଗକୁ ଭାରତରୁ ଅଲଗା କରିବା ଅସମ୍ଭବ। ଏହି ଅଞ୍ଚଳ ପଶ୍ଚିମବଙ୍ଗ ଭାବରେ ଭାରତ ମାତା ସହିତ ରହିଲା। ସେ କହିଥିଲେ ଯେ , ପ୍ରଥମେ କଂଗ୍ରେସ, ତାପରେ ବାମପନ୍ଥୀ ଏବଂ ତାପରେ ଟିଏମସି ବଙ୍ଗଳାର ବିକାଶ କରିବା ପରିବର୍ତ୍ତେ ଏହାକୁ ଅବୈଧ ପ୍ରବାସୀମାନଙ୍କ ପାଇଁ ସ୍ୱର୍ଗ ପାଲଟିବାକୁ ଦିଆଗଲା। ଯେଉଁ ବଙ୍ଗଳା ଭାରତର ବିକାଶର ନେତୃତ୍ୱ ନେଇ ପାରିଥାନ୍ତା ,ପଛରେ ପଡ଼ିଗଲା। ଆଜି, ପଶ୍ଚିମବଙ୍ଗ ଦିବସରେ, ଆସନ୍ତୁ ଆମେ ସେହି ଐତିହାସିକ ଭୁଲ ଗୁଡ଼ିକୁ ପୁନରାବୃତ୍ତି ନକରିବା ପାଇଁ ପ୍ରତିଜ୍ଞା କରିବା। ଏବେ, ପଶ୍ଚିମବଙ୍ଗ ଦିବସ ଦ୍ୱାରା ଅନୁପ୍ରାଣିତ ହୋଇ, ଏକ ନୂତନ ଇତିହାସ ସୃଷ୍ଟି ହେବ। ଦଶନ୍ଧିର କୁଶାସନ ପଶ୍ଚିମବଙ୍ଗକୁ ବହୁ ଦୂରକୁ ନେଇ ଯାଇଛି।

### ନାଗପୁର ନିଟ୍ ଆଶାୟୀଙ୍କ ଆବୁଧାବିରେ ପରୀକ୍ଷା କେନ୍ଦ୍ର ପ୍ରସଙ୍ଗ

## ଏନଟିଏକୁ ରାହୁଲଙ୍କ ତୀବ୍ର ସମାଲୋଚନା

ନୂଆଦିଲ୍ଲୀ,୨୦।୬: ନିଟ୍ ପୁନଃପରୀକ୍ଷା ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ନାଗପୁର ଜଣେ ନିଟ୍ ଆଶାୟୀ ଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଆବୁଧାବୁରେ ପଡ଼ିଥିବା ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏନଟିଏକୁ ତୀବ୍ର ସମାଲେଚନା କରି ଛାତ୍ରଙ୍କ ଭବିଷ୍ୟତ ସହିତ ନ ଖେଳିବା ପାଇଁ ଚେତାବନୀ ଦେଇଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଲେଖିଛନ୍ତି ଯେ, ନାଗପୁରର ଜଣେ ଛାତ୍ର ନିଟ୍ ପୁନଃ ପରୀକ୍ଷା ପାଇଁ ମାସେ ହେଲା ପ୍ରସ୍ତୁତି କରୁଛନ୍ତି। ପରୀକ୍ଷାର ଦିନକ ପୂର୍ବରୁ ଆଡମିଟ୍ କାର୍ଡ଼ ଡାଉନଲୋଡ କରିବାବେଳେ ତାଙ୍କ ପରୀକ୍ଷା କେନ୍ଦ୍ର ଆବୁଧାବିରେ ପଡ଼ିଥିବା ଦେଖିଲେ। ତାଙ୍କ ପାଖରେ ପାସପୋର୍ଟ ନାହିଁ, ବିଦେଶ ଯିବାକୁ ଘରେ ଏତେ ସମ୍ବଳ ନାହିଁ। ତାଙ୍କ ପାଖରେ ସମୟ ମଧ୍ୟ ନାହିଁ। ସେ ରାତି ସାରା କାନ୍ଦିଲେ। ପରୀକ୍ଷା ଦେବାକୁ ଇଚ୍ଛା କରୁନାହାନ୍ତି। ଏ ଭିତରେ କେତେ ଚାପ ରହିଥିବ କେହି ଚିନ୍ତା କରିପାରିବେ କି ? ଏହା କେମିତି ହେଲା ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିବା ସହିତ କୌଣସି ଛାତ୍ରଛାତ୍ରଙ୍କୁ ଏମିତି ନିଜ ପରୀକ୍ଷା କେନ୍ଦ୍ର ପହଞ୍ଚି ନ ପାରିବା ପରି ସମସ୍ୟା ନ ଭୋଗିବାକୁ ପଡୁ ବୋଲି କହିଛନ୍ତି। ବାସ୍ତବରେ ଏନଟିଏ ଦେଶର ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ଧୈର୍ଯ୍ୟ ପରୀକ୍ଷା କରୁଛି ବୋଲି କଂଗ୍ରେସ ସାଂସଦ କହିଛନ୍ତି। ଯେଉଁ ବ୍ୟବସ୍ଥା ଜଣେ ପିଲାକୁ ତାଙ୍କ ଦେଶରେ ପରୀକ୍ଷା ଦେବା ପାଇଁ ଏକ କେନ୍ଦ୍ର ବ୍ୟବସ୍ଥା କରିପାରୁନି, ଓଲଟା ବିଦେଶ ପଠାଉଛି ତାକୁ ପରୀକ୍ଷା କରିବାର କୌଣସି ଅଧିକାର ନାହିଁ ବୋଲି ରାହୁଲ ଗାନ୍ଧୀ କହିଛନ୍ତି।

## ଖାଇବର ପାଖତୁନଖ୍ୱାରେ ଆତଙ୍କୀ ଆକ୍ରମଣ ବୋମା ବିସ୍ଫୋରଣରେ ୭ ମୃତ



ପେଶାୱାର,୨୦।୬: ପାକିସ୍ତାନର ଅଶାନ୍ତ ଖାଇବର ପାଖତୁନଖ୍ୱା ପ୍ରଦେଶରେ ଶନିବାର ଦିନ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ଘଟିଛି। ବାନ୍ନୁ ଜିଲ୍ଲାର ମାର୍କା ବେରା ଅଞ୍ଚଳରେ ହୋଇଥିବା ଦୁଇଟି ପୃଥକ ବୋମା ବିସ୍ଫୋରଣରେ ଅତିକମରେ ୭ ଜଣ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ବିସ୍ଫୋରଣଟି ହାଥି ଖେଲ ଗ୍ରାମରୁ ବାନ୍ନୁ ସହର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଭ୍ୟାନକୁ ଟାର୍ଗେଟ୍ କରି କରାଯାଇଥିଲା। ରାସ୍ତାକଡ଼ରେ ପୂର୍ବରୁ ପୋତାଯାଇଥିବା ଏକ ଆଇଇଡି ବା ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ୍ ଡିଭାଇସ୍ ଗାଡ଼ିଟି ଯିବା ସମୟରେ ହଠାତ ବିସ୍ଫୋରଣ ହୋଇଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ୫ ଜଣ ଯାତ୍ରୀଙ୍କର ଜୀବନ ଚାଲିଯାଇଥିଲା। ଏହି ଦୁର୍ଘଟଣାର ଠିକ୍ କିଛି ସମୟ ପରେ, ସେହି ସମାନ ସ୍ଥାନରେ ଦ୍ୱିତୀୟ ବିସ୍ଫୋରଣଟି ସଂଘଟିତ ହୋଇଥିଲା, ଯାହାର ମୁଖ୍ୟ ଲକ୍ଷ୍ୟ ଥିଲେ ପ୍ରଥମ ବିସ୍ଫୋରଣ ପରେ ସେଠାରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ସ୍ଥାନୀୟ ଲୋକ ଓ ସହାୟତାକାରୀ। ଦ୍ୱିତୀୟ ବ୍ଲାଷ୍ଟରେ ଆଉ ଦୁଇଜଣଙ୍କର ମୃତ୍ୟୁ ହେବା ସହ ଏକ ଗାଡ଼ି ମଧ୍ୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବାନ୍ନୁ ଜିଲ୍ଲା ପୋଲିସ ଅଧିକାରୀ ଯାସିର ଆଫ୍ରିଦିଙ୍କ କହିବା ଅନୁଯାୟୀ, ସମସ୍ତ ମୃତଦେହ ଏବଂ ଆହତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ଏବଂ ଘଟଣାର ବ୍ୟାପକ ତଦନ୍ତ ଆରମ୍ଭ ହୋଇଛି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ କର୍ଡନ କରି ଘେରି ରଖିବା ସହ ବିସ୍ଫୋରଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଓ ନମୁନା ସଂଗ୍ରହ କରୁଛନ୍ତି। ଏହି ଭୟାବହ ଆକ୍ରମଣ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନୀୟ କିମ୍ବା ଆନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଏହି ଅଞ୍ଚଳରେ ସକ୍ରିୟ ଥିବା ବିଦ୍ରୋହୀ ଗୋଷ୍ଠୀଗୁଡ଼ିକ ଉପରେ ପୋଲିସ ସନ୍ଦେହ କରୁଛି। ଖାଇବର ପାଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ଏହି ଦୁଇ ବିସ୍ଫୋରଣକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ଅତି ଦୁଃଖଦାୟକ ଓ ହୃଦୟବିଦାରକ ବୋଲି କହିଛନ୍ତି। ସେ ପୋଲିସ କର୍ତ୍ତୃପକ୍ଷଙ୍କୁ ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ଏକ ସବିଶେଷ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଯନ୍ତର ମନ୍ତରଠାରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ





ନୂଆଦିଲ୍ଲୀ,୨୦।୬: ଅଭିଜିତ ଦୀପକେଙ୍କ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପୁଣି ଥରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଶହ ଶହ ଆନ୍ଦୋଳନକାରୀ ଥାଳି ଓ ଚାମଚ ବାଡ଼େଇ ପ୍ରତିବାଦ କରିଛନ୍ତି। ଶନିବାର ଅପରାହ୍ନ ୧ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜୁନ୍ ୬ ତାରିଖରେ ସିଜେପି ଯନ୍ତରମନ୍ତରଠାରେ ଆନ୍ଦୋଳନ କରିଥିବାବେଳେ ଦ୍ୱିତୀୟ ଥର ପାଇଁ ଶନିବାର ଦୀପକେଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଛାତ୍ରଙ୍କ ଆତ୍ମହତ୍ୟା ବିରୋଧରେ ଇଣ୍ଟରନେଟ୍ ମାଧ୍ୟମରେ ପ୍ରଚାର ଅଭିଯାନକୁ ଜୋରଦାର କରିବା ସହିତ ସମର୍ଥକମାନଙ୍କୁ ଥାଳି ଓ ଚାମଚ ଆଣିବାକୁ ଅନୁରୋଧ କରିଥିଲେ। ପୁଣେ, ଲକ୍ଷ୍ନୌ, ଅମୃତସର, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଜୟପୁରରେ ସମାନ ଭାବେ ପ୍ରତିବାଦ ଆୟୋଜନ କରାଯାଇଥିଲା। କୋଭିଡ ସମୟରେ ଥାଳି ବାଡ଼େଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସମାଲୋଚନା କରି ଦୀପକେ ମଜାରେ କହିଥିଲେ, ୟୁନେସ୍କୋ ଗବେଷଣା ଦର୍ଶାଇଛି ଯେ ଥାଳି ବାଜିବା ଦ୍ୱାରା ସୃଷ୍ଟି ହେଉଥିବା କମ୍ପନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ, ଯେପରି ସେମାନେ କୋଭିଡ-୧୯ ମହାମାରୀ ସମୟରେ କରିଥିଲେ। ସିଜେପି ମୁଖପାତ୍ର ସୌରଭ ଦାସ କଳାକାର ଓ ଗାୟକମାନଙ୍କୁ ବିକ୍ଷୋଭ ପ୍ରଦର୍ଶନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଗତକାଲି ଦୀପକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଖୋଲା ଚିଠି ଲେଖି ନିଟ୍ ପରୀକ୍ଷା ବିବାଦ ଭିତରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କାର ସହାୟତା ଦେବାକୁ ଦାବି କରିଥିଲେ।

### ଶାନ୍ତି ଚୁକ୍ତିକୁ ପ୍ରଭାବିତ କରୁଛି ଇସ୍ରାଏଲର ଜିଦ୍

## ଲେବାନନ୍‌ରେ ମାଡ଼ କଲା ମିସାଇଲ୍, ୭ ମୃତ

ନୂଆଦିଲ୍ଲୀ,୨୦।୬: ହିଜବୁଲ୍ଲା ସହିତ ଶାନ୍ତି ଚୁକ୍ତିକୁ ୨୪ ଘଣ୍ଟା ମଧ୍ୟ ବିତିନାହିଁ,ଏହା ମଧ୍ୟରେ ଇସ୍ରାଏଲ୍ ପୁଣି ଥରେ ଲେବାନନର ବିଭିନ୍ନ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରିଛି। ଏହି ଆକ୍ରମଣରେ ଦୁଇ ଶିଶୁଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି । ଇସ୍ରାଏଲର ଏହି ଜିଦ୍ ଏବଂ ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ସ୍ଥାୟୀ ଶାନ୍ତି ଚୁକ୍ତିକୁ ନେଇ ଆଶଙ୍କା ବୃଦ୍ଧି ପାଇଛି । ଲେବାନନର ଜାତୀୟ ଗଣମାଧ୍ୟମ ଅନୁଯାୟୀ,ଇସ୍ରାଏଲ୍ ସେନାର ଏହି ଆକ୍ରମଣରେ ଦକ୍ଷିଣଲେବାନନର ସହର ନବାତିହ ଏବଂ ଏହାର ଆଖପାଖ ଗାଁଗୁଡ଼ିକ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବୋମା ବିସ୍ଫୋରଣ ଯୋଗୁଁ ଭୁଶୁଡ଼ି ପଡ଼ିଥିବା କୋଠାବାଡ଼ିର ଆବର୍ଜନା ତଳୁ ୭ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଆଶଙ୍କା ପ୍ରକାଶ ପାଇଛି। ଶୁକ୍ରବାର ଦିନ ଲେବାନନରେ ହୋଇଥିବା ଜୋରଦାର ଆକ୍ରମଣରେ ପ୍ରାୟ ୪୭ ଜଣ ସାଧାରଣ ନାଗରିକ ଏବଂ ୪ ଜଣ ଇସ୍ରାଏଲ ସୈନିକ ପ୍ରାଣ ହରାଇଥିଲେ। ଏହା ପରେ ମଧ୍ୟସ୍ଥିମାନେ ଉଭୟ ପକ୍ଷ ମଧ୍ୟରେ ଲଢ଼େଇ ରୋକିବାକୁ ଚେଷ୍ଟା କରିଥିଲେ। ଇସ୍ରାଏଲ ସେନାର ସୂଚନା ଅନୁସାରେ,ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲ ସେନାକୁ ଟାର୍ଗେଟ୍ କରି ୫୦ରୁ ଅଧିକ ରକେଟ୍ ଓ ପ୍ରୋଜେକ୍ଟାଇଲ୍ ମାଡ଼ କରାଯାଇଥିଲା।

## କୈଳାସ ମାନସରୋବର ଯାତ୍ରା ଆରମ୍ଭ

ନୂଆଦିଲ୍ଲୀ,୨୦।୬: ନାଥୁ ଲା ପାସ୍ (ଗିରିପଥ)ରେ ଭାରତ-ଚୀନ୍ ସୀମା ଦେଇ ଚୀନ୍ ପ୍ରବେଶ କରିଛନ୍ତି। ଶ୍ରଦ୍ଧାଳୁଙ୍କ ପ୍ରଥମ ବ୍ୟାଚକୁ ସିକ୍କିମ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର ପତାକା ଦେଖାଇ ବିଦାୟ ଦେଇଥିଲେ। ଏହି ଅବସରରେ ସିକ୍କିମ ପର୍ଯ୍ୟଟନ ମନ୍ତ୍ରୀ ସେରିଂଟି ଭୁଟିଆ ଓ ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦଳରେ ୪୪ ଜଣ ତୀର୍ଥଯାତ୍ରୀ ଅଛନ୍ତି, ଯେଉଁଥିରେ ଚାରି ଜଣ ଲିଆଜନ ଅଧିକାରୀ ଓ ଜଣେ ମେଡିକାଲ ଅଧିକାରୀ ଅଛନ୍ତି। ଏହି ଦଳରେ ୩୨ ଜଣ ପୁରୁଷ ଓ ୧୨ ଜଣ ମହିଳା ଅଛନ୍ତି ଯେଉଁମାନେ ବିହାର, ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ତାମିଲନାଡୁ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି।

### ବାଂଲାଦେଶ ସରକାରଙ୍କୁ ହିନ୍ଦୁଙ୍କ ଚ୍ୟାଲେଞ୍ଜ

# ମୂର୍ତ୍ତି ତିଆରିକୁ ରୋକିଲେ ୬୪ ଜିଲ୍ଲାରେ ଗଢ଼ିବୁ ୬୪ ରାମ ମନ୍ଦିର



ଢାକା,୨୦।୬: ଜୟ ଶ୍ରୀ ରାମ ନାରାରେ କମ୍ପିଲା ବାଂଲାଦେଶ। ଭଗବାନ ରାମଙ୍କ ସର୍ବୋଚ୍ଚ ପ୍ରତିମା ନିର୍ମାଣ ନେଇ ମୁସଲିମ୍ ମୌଳବାଦୀଙ୍କ ଧମକ ପ୍ରତିବାଦରେ ଶୁକ୍ରବାର ଢାକାରେ ସଂଖ୍ୟାଲଘୁ ହିନ୍ଦୁଙ୍କ ରଣହୁଙ୍କାର। ଏକାଠି ହେଲେ ହଜାର ହଜାର ହିନ୍ଦୁ। 'ଜୟ ଶ୍ରୀ ରାମ' ନାରା ଦେଇ ଆରମ୍ଭ କଲେ ମଶାଲ ଶୋଭାଯାତ୍ରା। ପ୍ରଭୁ ରାମଙ୍କ ପ୍ରତିମାକୁ ଅପମାନିତ କରିଥିବା ଇସଲାମିକ କଟ୍ଟରପନ୍ଥୀଙ୍କ ହୋଇଛି ତୁରନ୍ତ ଗିରଫ ଦାବି। ଏହା ସହ ୭୨ ଘଣ୍ଟାର ଅଲ୍ଟିମେଟମ୍ ଦେଇଛି ହିନ୍ଦୁ ସଂଗଠନ। ଯଦି ସରକାର ଦାବି ପୂରଣ ନକରନ୍ତି ତେବେ ବାଂଲାଦେଶର ସମସ୍ତ ୬୪ ଜିଲ୍ଲାରେ ତିଆରି ହେବ ରାମ ମନ୍ଦିର। ବାଂଲାଦେଶରେ ହିନ୍ଦୁ ସଂଗଠନର ବିଶାଳ ପ୍ରତିବାଦ। ଭଗବାନ ରାମଙ୍କ ୮୧ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣକୁ ବିରୋଧ କରୁଥିବା ମୁସଲମାନ ମୌଳବାଦୀଙ୍କ ହୀନ ଉଦ୍ଦେଶ୍ୟକୁ ଶକ୍ତ ଚାପୁଡ଼ା। ରାଜଧାନୀ ଢାକାରେ ଏକାଠି ହେଲେ ହଜାର ହଜାର ବିକ୍ଷୋଭକାରୀ। ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ପୁରା ବାଂଲାଦେଶ। ଶ୍ରୀରାମଙ୍କ ମୂର୍ତ୍ତି ନିର୍ମାଣକୁ ବିରୋଧ କରୁଥିବା ଲୋକଙ୍କୁ ତୁରନ୍ତ ଗିରଫ କରି ସଜା ଦେବାକୁ ହୋଇଛି ଦାବି। ଉତ୍ତର ଗାଇବନ୍ଧା ଜିଲ୍ଲାର ପଳାଶବାରିରେ ଭଗବାନ ରାମଙ୍କ ପ୍ରତିମା ନିର୍ମାଣ ବନ୍ଦ ହେବାର କିଛି ଦିନ ପରେ ଏହି ଉତ୍ତେଜନା ଦେଖାଦେଇଛି। ପଳାଶବାରିରେ ଏକ ମନ୍ଦିର ପରିସରରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ତିଆରି ଚାଲିଥିଲା। ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ବି ସମାପ୍ତ ହୋଇଛି। ଏଥିରେ ଭଗବାନ କୃଷ୍ଣଙ୍କ ୫୦ଫୁଟ ଏବଂ ଶିବଙ୍କ ୩୦ଫୁଟ ଉଚ୍ଚ ପ୍ରତିମା ରହିଛି। ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ମନ୍ଦିର କମିଟିର ସଭାପତି ହରିଦାସ ଚନ୍ଦ୍ର ଦାସ କହିଛନ୍ତି ଇସଲାମିକ ଗୋଷ୍ଠୀମାନେ ତାଙ୍କୁ ଲଗାତାର ଧମକ ଦେଉଥିଲେ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ଜୟପୁର, (ନିପ୍ର): ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କୋଟପାଡ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କୁ ଆଜି ଜୟପୁର ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି । ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ତାଙ୍କର କୋରାପୁଟ ଜିଲ୍ଲା ଜୟପୁରର ପାରାବେଡ଼ା ଅଞ୍ଚଳରେ ଥିବା ଭଡ଼ା ଘର ସମେତ ମୋଟ ୭ଟି ଠିକଣାରେ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ତାଙ୍କର ସଂପତ୍ତି ଠାବ କରିଛି ଭିଜିଲାନ୍ସ । ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ ଓ ତାଙ୍କ ପରିବାର ଲୋକଙ୍କର ୨ଟି ଫ୍ଲାଟ୍, ୧୪ ଏକର ୩ଟି ଫାର୍ମ ହାଉସ୍ ଓ ୪୯ଟି ଦାମୀ ପ୍ଲଟ୍ ରହିଛି । ତାଙ୍କ ଘରୁ ପ୍ରାୟ ୯୪୦ ଗ୍ରାମ ସୁନା ଗହଣା, ୨ କେଜି ୫ ଶହ ଗ୍ରାମର ରୁପା ଗହଣା ଓ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରାଯାଇଛି । ସେ ୬୦.୯୨ ଲକ୍ଷ ଟଙ୍କା ଜମା ରଖିଛନ୍ତି । ଟାଟା ହେରିଏର କାର୍ ଠାବ କରିଛି । ସେଠୀଙ୍କର ଗୋଟିଏ ଫ୍ଲାଟ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀର ମାଧିପୁର ମୌଜାର ହାଇଟେକ୍ ପ୍ଲାଜାରେ ରହିଛି । ଏହି ୨ବିଏଚକେ ଫ୍ଲାଟ୍ ପ୍ରାୟ ୧ହଜାର ବର୍ଗଫୁଟ ଜାଗାରେ ତିଆରି ହୋଇଛି । ତାଙ୍କର ଆଉ ଗୋଟିଏ ଫ୍ଲାଟ୍ ହେଉଛି ବେନାମୀ । ଏହି ଫ୍ଲାଟ କୋରାପୁଟର ଜୟପୁରର ପିଆର ପେଟାରେ ଇନ୍ଦିରା ଛକରେ ଅଛି । ସେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାଁରେ ଏହି ଫ୍ଲାଟ୍ ରଖିଛନ୍ତି । ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି । ତାଙ୍କର ଦୁଇଟି ଯାକ ଫାର୍ମ ହାଉସ୍ କୋରାପୁଟ ଜିଲ୍ଲା ବୋରିଗୁମା ତହସିଲରେ ରହିଛି । ଏଥିରୁ ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି । ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ନିଳଗିରି ଗଛ ଲଗାଇଛନ୍ତି । ସେହିପରି ଅନ୍ୟଟିରେ ସେ ନିଳଗିରି ଗଛ ଲଗାଇଛନ୍ତି । ସହକାରି ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କର ସମସ୍ତ ୪୯ଟି ପ୍ଲଟ୍ କୋରାପୁଟ ଜିଲ୍ଲାରେ ରହିଛି । କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ପଟାଙ୍ଗୀ ଅଞ୍ଚଳରେ ତାଙ୍କର ଏହି ସବୁ ପ୍ଲଟ ରହିଛି । ଏଥିରୁ ୧୭ଟି ପ୍ଲଟ୍ ହେଉଛି ବେନାମୀ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି । ତାଙ୍କର ଫ୍ଲାଟ, ଫାର୍ମ ହାଉସ୍ ଓ ପ୍ଲଟ୍ ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ମାପଚୁପ ଓ ହିସାବ କାର୍ଯ୍ୟ ଜାରି ରଖିଛି । ତାଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ସହିତ ୯୪୦.୬୬ ଗ୍ରାମର ସୁନା ଓ ୨.୪୯୩ କେଜିର ରୁପା ଗହଣା ଜବତ କରାଯାଇଛି ।

## ଅମୁନି ପାଣି ମିଟର ଚୋରି, ନୀରବଦ୍ରଷ୍ଟା ସାଜିଛି ଖଣ୍ଡପଡ଼ା ପୁଲିସ !



ଖଣ୍ଡପଡ଼ା,(ନି.ପ୍ର): ଗତ କିଛିଦିନ ତଳେ ଖଣ୍ଡପଡା ସହରର ବିଭିନ୍ନ ସ୍ଥାନରୁ ଲୁଟେରାମାନେ ବାସଗୃହକୁ ସଂଯୋଗ ହୋଇଥିବା ପାଣି ପାଇପ ଲାଇନରୁ ୩୯ ଟି ମିଟର ଚୋରୀ କରି ନେଇଥିଲେ । ଏ ସଂପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ ତ୍ରିଲୋଚନ ବେହେରା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ ସେଥିପ୍ରତି ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଲୁଟେରାମାନେ ପୁଣି ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି । ଲୁଟେରାମାନେ ଶୁକ୍ରବାର ରାତିରେ ପୁର୍ନବାର କେତେକ ୱାର୍ଡରୁ ପାଣି ପାଇପ କାଟି ୨୪ ଟି ମିଟର ଚୋରୀ କରି ନେଇଥିବା ଜଣାପଡିଛି । ଫଳରେ ସହରର ଏକାଧିକ ବାସଗୃହକୁ ପାନୀୟଜଳ ଯୋଗାଣ ଶନିବାର ବ୍ୟାହତ ହୋଇଥିବା ଜଣାଯାଇଛି । ତେବେ ପୁର୍ନବାର ପାଇପ ଲାଇନ ମରାମତି କରି ବାସଗୃହ ଗୁଡିକୁ ପାନୀୟଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିଲେ ହେଁ ଏହି ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଜଣାପଡିଛି । ଅପରପକ୍ଷେ ଖଣ୍ଡପଡା ସହରରେ ପୁଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉ ନଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଲୁଟେରା ଓ ଅସାମାଜିକ ଯୁବକମାନେ ବିଳମ୍ବିତ ରାତିରେ ବେଶ ସକ୍ରୀୟ ହୋଇ ଉଠି ଲୁଟପାଟ କରୁଥିବା ଜଣାପଡିଛି । ଏ ଦିଗରେ ଖଣ୍ଡପଡ଼ା ଥାନାଧିକାରୀ ଓ ଏସଡିପିଓ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ଚୋରୀ ହୋଇଥିବା ପାଣି ମିଟର ଗୁଡିକର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ବାଲି ଘାଟରେ ଚଢାଉ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ଚାଲିଥିବା ବାଲି ଘାଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜିଲ୍ଲା ମାଇନ୍ସ ବିଭାଗ, ବଳଙ୍ଗା ଥାନା ଓ ସ୍ପେଶାଲ ସ୍କ୍ୱାଡ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି । ଚଢାଉ ସମୟରେ ହାଇୱା ସହ ବାଲି ବୋଝେଇ କରୁଥିବା ମେସିନକୁ ଜବତ କରାଯିବା ସହ କେତେକ ବ୍ୟକ୍ତିଙ୍କୁ ଥାନରେ ଅଟକ ରଖି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ବାଲି ଉତ୍ତୋଳନ କରାଯାଉ ଥିଲା ବେଳେ ନିକଟରେ ବଳଙ୍ଗାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ବୋଲି ସୂଚନା ମିଳିଥିଲା । ଶୁକ୍ରବାର ରାତି ପ୍ରାୟ ୧୨ଟା ସମୟରେ ଜିଲ୍ଲା ମାଇନ୍ସ ଅଧିକାରୀ ସମୀର ମିଶ୍ରଙ୍କ ନେତୃତ୍ୱରେ ସ୍ପେସାଲ ସ୍କ୍ୱାଡ ଓ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ପ୍ରମୁଖ ଅଚାନକ ବାଲି ଘାଟରେ ଚଢ଼ଉ କରିଥିଲେ । ସୂଚନା ମୁତାବକ ଭାର୍ଗବୀ ନଦୀର ନୂଆ ଶାସନ ଠାରେ ବେଆଇନ ଭାବେ ୨ଟି ଘାଟ ଚାଲୁଥିଲା ବେଳେ ନିକଟରେ ମାଇନ୍ସ ବିଭାଗ ପକ୍ଷରୁ ଗୋଟିଏ ଘାଟ ଉପରେ ଚଢାଉ କରାଯାଇ ୪ ଟି ହାଇୱା ଓ ୨ ଟି ମେସିନ ଜବତ କରାଯାଇଥିଲା ।

## ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ଘର ଉପରକୁ ୨୫ ରାଉଣ୍ଡ ଗୁଳିମାଡ଼

ସୁବର୍ଣ୍ଣପୁର,(ନିପ୍ର) : ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ବାସଭବନରେ ଗତକାଲି ବିଳମ୍ବିତ ରାତିରେ ହୋଇଛି ବର୍ବର ଆକ୍ରମଣ । ମୁଖାପିନ୍ଧା ଦୁର୍ବୃତ୍ତମାନେ ଆସି ଅତର୍କିତ ଭାବେ ଘର ଉପରକୁ ଆଖିବୁଜା ଗୁଳିଚାଳନା କରିଛନ୍ତି । ଘଟଣାସ୍ଥଳରେ ପ୍ରାୟ ୨୫ ରାଉଣ୍ଡ ଗୁଳି ଫୁଟିଥିବା ସୂଚନା ମିଳିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ସମସ୍ତେ ଶୋଇଥିବା ବେଳେ ଆସିଥିଲେ କିଛି ଦୁର୍ବୃତ୍ତ । ମୁହଁରେ ମୁଖା ପିନ୍ଧିଥିବା ଏହି ଅଜ୍ଞାତ ବ୍ୟକ୍ତିମାନେ ଆସିବା କ୍ଷଣି ଘର ଉପରକୁ ଗୁଳିମାଡ଼ କରିବା ଆରମ୍ଭ କରିଦେଇଥିଲେ । ଗୁଳିର ଶବ୍ଦରେ ନିଦ ଭାଙ୍ଗିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଗୁଳିଚାଳନା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଥିଲେ । ଏତେ ବଡ଼ ଧରଣର ଗୁଳିମାଡ଼ ପଛର ପ୍ରକୃତ କାରଣ ଏବେ ବି ସ୍ପଷ୍ଟ ହୋଇନାହିଁ । ଏହା ପଛରେ ରାଜନୈତିକ ଶତ୍ରୁତା ନା ଅନ୍ୟ କୌଣସି ପୁରୁଣା ବ୍ୟକ୍ତିଗତ ବିବାଦ ରହିଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଖବର ପାଇ ସୁବର୍ଣ୍ଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାର ପର୍ଦ୍ଦାଫାସ କରିବା ପାଇଁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତନାଘନା ଚଳାଇଛି । ଜଣେ ରାଜନୈତିକ ନେତାଙ୍କ ଘରକୁ ଟାର୍ଗେଟ କରି ଏଭଳି ବନ୍ଧୁକ ସହାୟତାରେ ଆକ୍ରମଣ ହେବା ସହରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ଆଖପାଖର ସିସିଟିଭି ଫୁଟେଜ୍ ସଂଗ୍ରହ କରୁଥିବା ବେଳେ ଦୋଷୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ଏସ୍ଆଇଆର କାମ ଚାପରେ ଜୀବନ ହାରିଲେ ବି.ଏଲ.ଓ

ସୁବର୍ଣ୍ଣପୁର,(ନିପ୍ର) : ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟ ରେ ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ ( ଏସଆଇଆର) କାର୍ଯ୍ୟ ଚାଲୁରହିଛି । ବି.ଏଲ.ଓ ଭାବରେ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି । ତେବେ କେତେକ ବି.ଏଲ.ଓ ଏସଆଇଆର କାର୍ଯ୍ୟ ପାଇଁ ଚାପରେ ରହୁଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଆଜି ବୌଦ୍ଧ ଜିଲ୍ଲାରେ ଦେଖିବାକୁ ମିଳିଛି । ଏସଆଇଆର କାମରେ ନିୟୋଜିତ ପ୍ରଧାନ ଶିକ୍ଷକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଖବର ଆମର ହସ୍ତଗତ ହୋଇଛି । ଖବରରୁ ପ୍ରକାଶ ଯେ, ବୌଦ୍ଧ ଜିଲ୍ଲା ଡିମିରିଖୋଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୟନ ସାହୁଙ୍କ ମୃତ୍ୟୁ ବି ଏଲ ଓ କାର୍ଯ୍ୟର ଚାପ ଯୋଗୁଁ ହୋଇଥିବା ଅଭିଯୋଗ ହେଉଛି । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏସଆଇଆର କାମ ଚାପରେ ବାପା ବିଷ ପିଇ ଜୀବନ ହାରିଥିବା ମୃତ ଶିକ୍ଷକଙ୍କ ପୁଅ ଅଭିଯୋଗ କରିଛନ୍ତି । ମୃତ ଶିକ୍ଷକ ଙ୍କୁ ବି.ଏଲ.ଓ ଦାୟିତ୍ୱରେ ଅବହେଳା ପାଇଁ ଚାକିରୀରୁ ନିଲମ୍ବିତ କରିବାକୁ ଧମକ ଦିଆଯାଇଥିବା ଅଭିଯୋଗ ହେଉଛି ।

## କୂଅରେ ପଡ଼ି ବରଯାତ୍ରୀଙ୍କ ମୃତ୍ୟୁ

ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ବୁଢ଼ାପଡ଼ା ଗ୍ରାମଠାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା, ଏକ ବିବାହ କାର୍ଯ୍ୟରେ ବରଯାତ୍ରୀ ଭାବେ ଆସି ରାସ୍ତା କଡରେ ଥିବା ଏକ ମୁକୁଳା କୂଅରେ ଅସାବଧାନତା ଯୋଗୁଁ ପଡ଼ି ବରଯାତ୍ରୀ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ପୁଲିସ ସୂଚନା ମୁତାବକ ମୃତକ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଜଗବନ୍ଧୁ ସ୍ୱାଇଁ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଘଟଣାର ତଦନ୍ତ ଜାରି ରହିଛି ।

## ପରକୀୟା ପ୍ରୀତିର କରୁଣ ପରିଣତି
## ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ, ମହିଳାଙ୍କ ବାପା ଗିରଫ

ନିରାକାରପୁର,(ନିପ୍ର): ପରକୀୟା ପ୍ରୀତିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘାତିକ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଭଳି ଏକ ଅଭାବନୀୟ ଘଟଣା ନିରାକାରପୁର ଥାନା ଅଞ୍ଚଳରେ ସାମ୍ନାକୁ ଆସିଛି । ଏହି ମାମଲାରେ ପୁଲିସ୍ ତତ୍ପରତା ଦେଖାଇ ଆକ୍ରମଣକାରୀ ମହିଳାଙ୍କ ବାପାଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି । ଅପରପକ୍ଷରେ, ଅନ୍ୟତମ ଅଭିଯୁକ୍ତ ତଥା ମହିଳାଙ୍କ ବଡ଼ ଭିଣୋଇ ଫେରାର ଥିବା ପୁଲିସ କହିଛି । ଗୁରୁତର ଯୁବକଙ୍କୁ ପୁଲିସ୍ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଛି । ଘଟଣାସ୍ଥଳରୁ ଏକ ପୋଡ଼ା ବାଇକ୍ ଏବଂ ଭଙ୍ଗା ମୋବାଇଲ୍ ଜବତ କରାଯାଇଛି । ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି । ପୁଲିସ୍ ସୂଚନା ମୁତାବକ, ନିରାକାରପୁର ଥାନା ଅଞ୍ଚଳର ଜଣେ ମହିଳା ପ୍ରାୟ ୪ ବର୍ଷ ତଳେ ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅଞ୍ଚଳରେ ବିବାହ କରିଥିଲେ । ତାଙ୍କର ଏକ ୪ ବର୍ଷର କନ୍ୟା ସନ୍ତାନ ମଧ୍ୟ ରହିଛି । ତେବେ ସ୍ୱାମୀଙ୍କ ସହ ମନୋମାଳିନ୍ୟ ଯୋଗୁଁ ମହିଳା ଜଣକ ପ୍ରାୟତଃ ନିଜ ବାପଘରକୁ ଯିବା ଆସିବା କରୁଥିଲେ । ଏହି ସମୟ ମଧ୍ୟରେ ପୁରୀ ନରେନ୍ଦ୍ର କୋଣାସାହି ଅଞ୍ଚଳର ନାରାୟଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରାୟ ମାସେ ତଳେ ମହିଳା ଜଣକ ନାରାୟଣଙ୍କ ସହ ଫେରାର ହୋଇଯାଇଥିଲେ । ଏ ନେଇ ମହିଳାଙ୍କ ପରିବାର ଓ ଶ୍ୱଶୁର ଘର ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା । ଗତ ୧୭ ତାରିଖରେ ପୁଲିସ୍ ଉଭୟଙ୍କୁ ଧରିବାରେ ସଫଳ ହୋଇଥିଲା । ନାରାୟଣଙ୍କୁ ଉଚିତ୍ ଶିକ୍ଷା ଦେବା ଉଦ୍ଦେଶ୍ୟରେ ମହିଳାଙ୍କ ବାପା ଏବଂ କୋଣାର୍କ ଥାନା ଅଞ୍ଚଳର ବଡ଼ ଭିଣୋଇ ଏକ ଯୋଜନା କରି ତାଙ୍କୁ ଡାକିଥିଲେ । ଗୁରୁବାର ରାତିରେ ନାରାୟଣ ମହିଳାଙ୍କ ବାପଘରେ ପହଞ୍ଚିବା ମାତ୍ରେ ବାପା ଓ ଭିଣୋଇ ଉତକ୍ଷିପ୍ତ ହୋଇ ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରୁ ଜୀବନ ବିକଳରେ ନାରାୟଣ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ । ଉଭୟ ତାଙ୍କୁ ଖୋଜାଖୋଜି କରି ନପାଇବାରୁ, କ୍ରୋଧ ଜର୍ଜରିତ ହୋଇ ନାରାୟଣ ଆଣିଥିବା ବାଇକ୍‌କୁ ନିଆଁ ଲଗାଇ ଜାଳି ଦେଇଥିବା ସହ ତାଙ୍କ ମୋବାଇଲ୍‌କୁ ମଧ ଭାଙ୍ଗି ଦେଇଥିଲେ । ଶୁକ୍ରବାର ସକାଳେ ଖବର ପାଇ ନିରାକାରପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ବାଇକ୍ ସହ ଭଙ୍ଗା ମୋବାଇଲ୍ ଜବତ କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା । ଆଜି ଆବଶ୍ୟକୀୟ କାଗଜପତ୍ର ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆକ୍ରମଣ ପରେ ଫେରାର ହୋଇଯାଇଥିବା ଅନ୍ୟତମ ସହଯୋଗୀ ବଡ଼ ଭିଣୋଇଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ବର୍ତ୍ତମାନ ଆହତ ନାରାୟଣ କଟକ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ପୋଲିସ କେସ ନଂ ୨୨୬/୨୬ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।




## ଜମିବାଡ଼ି ବିବାଦ
## ଦାଦା ଉପରେ ତତଲା ତେଲ ଢାଳିଦେଲା ପୁତୁରା

କାକଟପୁର (ନିପ୍ର): କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଡେଇହାଟ ଠାରେ ଦୀର୍ଘ ଦିନଧରି ହୋଟେଲ ଚଳାଇ ଆସୁଥିଲେ ଅଁଳାପାଟଣା ଗ୍ରାମର କୀର୍ତ୍ତିଚନ୍ଦ୍ର ସାହୁ ଓରଫ (ବୁଲା) । ପ୍ରତ୍ୟେକ ଦିନ ଭଳି କୀର୍ତି ଚନ୍ଦ୍ର ସାହୁ ନିଜ ହୋଟେଲରେ ବରା ,ପକୁଡି ବିଭିନ୍ନ ଜଳଖିଆ ସାମଗ୍ରୀ ପ୍ରସ୍ତୁତ କରି ବ୍ୟବସାୟ କରୁଥିବା ସମୟରେ ତାଙ୍କର ସମ୍ପର୍କୀୟ ପୁତୁରା ସୁର୍ଯକାନ୍ତ ସାହୁ, ସନାତନ ସାହୁ, ରାଜକିଶୋର ସାହୁ, ସେଠାରେ ପହଞ୍ଚି ଥିଲେ ଏବଂ ପାରିବାରିକ ଜମିବାଡ଼ି ଓ କୋଠା ଘର କାର୍ଯ୍ୟକୁ ନେଇ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଯୁକ୍ତିତର୍କ । ଏହି ଯୁକ୍ତିତର୍କ ପରବର୍ତୀ ସମୟରେ ଗଣ୍ଡଗୋଳର ରୂପ ନେଇଥିଲା ,ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ସହିତ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା । ଏଥିରେ ଉତ୍ୟକ୍ତ ହୋଇ ପୁତୁରା ସୂର୍ଯକାନ୍ତ ଆଞ୍ଚରେ ରହିଥିବା ବରା ଛଣା ଯାଉଥିବା ତତଲା ତେଲ ଭର୍ତି କଡ଼ାଇ ଦାଦା କୀର୍ତ୍ତିଚନ୍ଦ୍ରଙ୍କ ଉପରକୁ ଫିଙ୍ଗିଦେଇ ଥିଲେ । ଯାହାଫଳରେ କଡ଼ାଇରେ ରହିଥିବା ତତଲା ତେଲ ସବୁ କୀର୍ତ୍ତିଚନ୍ଦ୍ରଙ୍କ ଶରୀରରେ ଢାଳିହୋଇ ଥିଲା ଏବଂ ସେ ଯନ୍ତ୍ରଣାରେ ଛଟ ପଟ ହୋଇଥିଲେ । ଏହାପରେ ଘଟଣା ସ୍ଥଳରୁ ସୂର୍ଯକାନ୍ତ ଓ ଅନ୍ୟମାନେ ପଳାଇ ଯାଇଥିଲେ । ଖବର ପାଇ କୀର୍ତ୍ତିଚନ୍ଦ୍ରଙ୍କ ପୁତ୍ର ସୌମେନ୍ଦ୍ର ଘଟଣା ସ୍ଥଳରେ ପହଞ୍ଚି ବାପା କୀର୍ତିଚନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ, ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ । କୀର୍ତ୍ତିଚନ୍ଦ୍ରଙ୍କ ପୁତ୍ର ସୌମେନ୍ଦ୍ର କାକଟପୁର ଥାନାରେ ଲିଖିତ ଏତଲା ଦେବାପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଏ ସଂକ୍ରାନ୍ତରେ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି ।

## ଧରାପଡିଲା ମୋବାଇଲ ଲୁଟେରା

ଭୁବେନଶ୍ୱର,(ନି.ପ୍ର): ଏକ ମୋବାଇଲ ଲୁଟ୍ ମାମଲାରେ ମୈତ୍ରୀ ବିହାର ଥାନା ପୋଲିସ ଶନିବାର ଜଣେ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ଲୁଟେରାଙ୍କ ନାମ ରାଜେଶ ବେହେରା ଓରଫ ତପୁ । ଏନେଇ ଟୁକୁନା ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ରାଜଧାନୀରେ ଠିକାଦାରଙ୍କୁ ଛୁରୀ ଭୁସି ହତ୍ୟା; ପରକୀୟା ପ୍ରୀତି ସନ୍ଦେହ

ଭୁବନେଶ୍ୱର: ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଓମ୍ ସାଇ ବିହାରରେ ଆଜି (ଶନିବାର) ଜଣେ ଠିକାଦାରଙ୍କୁ ଛୁରୀ ଭୁସି ହତ୍ୟା କରିଛି ଅଟୋ ଚାଳକ । ମୃତକ ହେଲେ ସୁଶୀଲ ସିଂ (୫୫) । ଅଭିଯୁକ୍ତ ଅଟୋ ଚାଳକ ନୀଳକଣ୍ଠ ମହାନ୍ତି (୪୫)କୁ ମଞ୍ଚେଶ୍ୱର ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି । ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି । ତେବେ ପରକିୟା ପ୍ରୀତି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆକ୍ରମଣରେ ସୁଶୀଲଙ୍କ ବେକରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ଇନଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ସୁଶୀଲଙ୍କୁ ମୃତ ଘୋଷଣା କରିଥିଲେ । ପରେ ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ଆଜି ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ଡକାୟତ ଗ୍ୟାଙ୍ଗର ଫେରାର ଆସାମୀ ଗିରଫ

କଟକ,(ନିପ୍ର) : ସିଡିଏ ଫେଜ ୨ ଥାନା ପୋଲିସ ଏକ ଡକାୟତ ଗ୍ୟାଙ୍ଗର ଜଣେ ଫେରାର ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁରର ବାବୁ ଚୌରାଶିଆ (୩୦) । ମିଳିଥିବା ସୂଚନା ଅନୁଯାୟୀ ସିଡିଏ ଫେଜ ୨ ଥାନା ପୋଲିସ ଗତ ମେ ମାସ ୧୪ ତାରିଖ ରାତିରେ ପେଟ୍ରୋଲିଙ୍ଗ କଲାବେଳେ କେତେକ ଅସାମାଜିକ ବ୍ୟକ୍ତି ମଧୁସୂଦନ ସେତୁ ତଳେ ବସି ମାରଣାସ୍ତ୍ର ସହ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା । ଏହାପରେ ପୋଲିସ ସେଠାରେ ଚଢ଼ାଉ କଲାବେଳେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ବାବୁ ଖସିଯାଇଥିଲା । ମୋବାଇଲ ଟ୍ରାକିଙ୍ଗ, ଜିଓ ସର୍ଭେଲାନ୍ସ ଯୋଗେ ଠାବ କରାଯାଇଛି । ତା ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି । ସେମାନେ ୫୫ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀ ଓ ଗାଡିକୁ ଟାର୍ଗେଟ କରି ଡକାୟତି କରଥିଲେ । ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ମାରୁତି କାର, ଖଣ୍ଡା, କଟୁରୀ ଆଦି ଅସ୍ତ୍ର ଶସ୍ତ୍ର ଜବତ କରାଯାଇଥିଲା ।

## ସିଏମଓରୁ ଫାଇଲ୍ ଚୋରି ମାମଲାରେ ଜିଏ ବିଭାଗରେ ପୋଲିସ୍‌ର ଛାନଭିନ୍

ଭୁବନେଶ୍ୱର, (ନିପ୍ର) ସିଏମଓରୁ ଫାଇଲ୍ ଚୋରି ମାମଲାରେ ସାଧାରଣ ପ୍ରଶାସନ ବିଭାଗରେ କ୍ୟାପିଟାଲ୍ ଥାନା ପୋଲିସ୍ ଛାନଭିନ୍ କରିଛି । ପୂର୍ବରୁ ଗୃହ ବିଭାଗକୁ ଯାଇ ପୋଲିସ ପଚରାଉଚରା କରିଥିଲା । ସୂଚନାଯୋଗ୍ୟ ଯେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଫାଇଲ୍ ଗାୟବ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଯାହା ମଧ୍ୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ଏବଂ ସମ୍ ହସ୍ପିଟା ଅଗ୍ନିକାଣ୍ଡ ମାମଲାର ତଦନ୍ତ ରିପୋର୍ଟ ଅନ୍ତର୍ଭୁକ୍ତ । ତତ୍କାଳୀନ ସିଏମଓକୁ ଫାଇଲ୍ ଯିବାର ରେକର୍ଡ ରହିଛି । ମାତ୍ର ୨ ଫାଇଲ୍ ଫେରିବା ନେଇ କୌଣସି ପ୍ରମାଣ ମିଳି ପାରିନି । ଏନେଇ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି ।

## ଜଗା ହତ୍ୟାକାଣ୍ଡର ପର୍ଦ୍ଦାଫାସ, ଦୁଇ ଅଭିଯୁକ୍ତ ଗିରଫ

ଭୁବେନଶ୍ୱର,(ନି.ପ୍ର): ପାହାଳ ଥାନା ଅଞ୍ଚଳରେ ଘଟିଥିବା ଜଗା ଓରଫ ପ୍ରଭାତ କୁମାର ବେହେରା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି କମିଶନେରଟ୍ ପୋଲିସ । ଘଟଣାର ମାତ୍ର ଦୁଇ ଦିନ ମଧ୍ୟରେ ପୋଲିସ ମୁଖ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ କିଛି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଛି । ଅନ୍ୟ ଦୁଇ ଅଭିଯୁକ୍ତ ଏବେ ବି ଫେରାର ଥିବା ସୂଚନା ମିଳିଛି । ସୂଚନାନୁଯାୟୀ, ଗତ ୧୭ ଜୁନ ସକାଳ ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ବିଷ୍ଣୁ ଚରଣ ବେହେରା ପାହାଳ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ଗତ ରାତିରେ କିଛି ବ୍ୟକ୍ତି ତାଙ୍କ ପୁଅ ଜଗା ଓରଫ ପ୍ରଭାତ କୁମାର ବେହେରାଙ୍କୁ ଘରୁ ଡାକି ନେଇ ହତ୍ୟା କରିଛନ୍ତି । ତାଙ୍କ ମୃତଦେହ ସିନର୍ଜି କଲେଜ ନିକଟସ୍ଥ କଲଭର୍ଟ ପାଖରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା । ଅଭିଯୋଗେର ଟେନିସ ପାତ୍ର, ପ୍ରୀତିଶ ପାତ୍ର, ବାଲିଆ ମଙ୍ଗରାଜ, ଆୟୁଷ ମହାନ୍ତି ଓ ବଲ୍ଲୁଙ୍କ ନାମ ଉଲ୍ଲେଖ କରାଯାଇଥିଲା । ଅଭିଯୁକ୍ତମାନେ ଏକ ଧଳା ରଙ୍ଗର ସ୍କର୍ପିଓ ଗାଡ଼ି ବ୍ୟବହାର କରି ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରେର ପାହାଳ ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତ ପାଇଁ ଏକାଧିକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ, ବୈଷୟିକ ପ୍ରମାଣ, ମାନବୀୟ ଗୁଇନ୍ଦା ସୂଚନା, ଗୋପନ ତଦନ୍ତ ଏବଂ ପୂର୍ବ ଶତ୍ରୁତା ଓ ବିବାଦକୁ ଆଧାର କରି ପୋଲିସ ଗଭୀର ତଦନ୍ତ ଚଳାଇଥିଲା ।

## ରକ୍ତ ଅଭାବରୁ ଶିଶୁ ମୃତ, ପରିବାର ଲୋକଙ୍କ ରାସ୍ତା ରୋକ



ଧର୍ମଗଡ଼ (ନିପ୍ର) :ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଇ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ଜଣେ ଶିଶୁର ମୃତ୍ୟୁ ଘଟିଛି । ଚିକିତ୍ସା ଅବହେଳାରୁ ଶିଶୁଟିର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ରାସ୍ତା ଅବରୋଧ କରିଛନ୍ତି । ସୂଚନା ଅନୁଯାୟୀ ଧର୍ମଗଡ ବ୍ଲକ୍ ତେଣ୍ଡାପାଲି ପଞ୍ଚାୟତ ସତାଗୋହିରା ଗାଁ ର ଟିକଚନ ଦୁର୍ଗାଙ୍କ ପୁଅ ଶ୍ରୀୟାଂଶୁ ଦୁର୍ଗା (୩) ଙ୍କୁ ଆଜି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଏସଆରଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ହେଲେ ସମ୍ପୃକ୍ତ ରୋଗୀଙ୍କୁ ରକ୍ତ ଦିଆନଯିବା, ଚିକିତ୍ସାରେ ଅବହେଳା କରାଯିବା ଆଦି ଅଭିଯୋଗରେ ପରିବାର ଲୋକେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ରାସ୍ତାରୋକ କରିଛନ୍ତି । ଏନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡଃ ସଦାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ସମ୍ପୃକ୍ତ ଶିଶୁଙ୍କୁ ଅତି ମୁମୂର୍ଷ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା । ପ୍ରବଳ ଜ୍ୱର ତଥା ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବାରୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଏସଆରଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଦୁର୍ଭାଗ୍ୟକୁ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଲା ବୋଲି କହିଥିଲେ । ଏପରିକି ଜ୍ୱର ଥିବାରୁ ରକ୍ତ ଦେବା ସମ୍ଭବ ହେଇନଥିବା ଡାକ୍ତର ମତାମତ ଦେଇଥିଲେ ବୋଲି ଡଃ ପାଣିଗ୍ରାହୀ ସୂଚନା ଦେଇଥିଲେ । ଆଜି ରାସ୍ତାରୋକର ଅଭିପ୍ରାୟ ହେଲା ଅନ୍ୟ କାହାର ସନ୍ତାନ ଅଭାବରୁ ମୃତ୍ୟୁବରଣ ନ କରନ୍ତୁ ତେଣୁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରି ତୁରନ୍ତୁ ଧର୍ମଗଡ଼ ରକ୍ତ ଭଣ୍ଡାର କୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ" ବୋଲି ମୃତକର ପିତା ଟିକଚନ ଦୁର୍ଗା ରାସ୍ତା ରୋକ ହଟାଇବା କୁ ଆସିଥୁବା ଧର୍ମଗଡ଼ ଉପ ଜିଲ୍ଲାପାଳ ଓ ଉପଖଣ୍ଡିୟ ପୋଲିସ ଅଧିକାରୀଙ୍କୁ କୋହଭରା କଣ୍ଠରେ ନିବେଦନ କରିଥିଲେ । ଏହା ଏକ ସ୍ପର୍ଶ କାତର ଘଟଣା ହୋଇଥିବାରୁ ଏହି ରାସ୍ତାରୋକକୁ ସହରର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସମର୍ଥନ ଦେଇ ରକ୍ତ ଭଣ୍ଡାର କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବୀ କରିଥିଲେ । ଉପ ଜିଲ୍ଲାପାଳ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ଅନୁକମ୍ପା ରାଶି ପ୍ରଦାନ କରି ଖୁବ ଶୀଘ୍ର ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Jhulana Nayak wife of Late Krushna Chandra Nayak permanent Address AT-Sagadapata, PO- Sagadapata, P.S- Harichandanpur, Dist-Keonjhar, pin- 758080 declare that I have changed the name of my Daughter from Jagyanseni Nayak to Jangyaseni Nayak henceforth, I shall be known as Jangyaseni Nayak for all purposes.

Sd/-Jhulana Nayak

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Dashma Munda wife of Bhaiga Munda permanent Address AT- Urumunda, PO-Urumunda, P.S- Sadar, Dist-Keonjhar, pin- 758018 declare that I have changed the name of my Son from Shukram Munda to Sukra Munda henceforth, I shall be known as Sukra Munda for all purposes.

Sd/-Dashma Munda

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Sunita Samantia wife of Karttik Samantia permanent Address AT- Guruda, PO-Guruda, P.S- Bamebari, Dist-Keonjhar, pin- 758034 declare that I have changed the name of my Daughter from Susmita Samantia to Sasmita Samantia henceforth, I shall be known as Sasmita Samantia for all purposes.

Sd/-Sunita Samantia


ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ପତ୍ର ସ୍ମାରକୀ ପ୍ରଦାନ କରୁଛନ୍ତି ।


ରାଇରଙ୍ଗପୁର ମଞ୍ଚରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିବାଦନ ।

# ୭୩୨ କୋଟିର ରେଳ ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ

- ଯଖପୁରା – ଯାଜପୁର କେନ୍ଦୁଝର ରୋଡ଼ – ବୈତରଣୀ ରୋଡ଼ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ସମର୍ପଣ
- ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ସମର୍ପଣ
- ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଟ୍ରେନ୍ ପରିଚାଳନା କ୍ଷମତା, ଶିଳ୍ପ ଲଜିଷ୍ଟିକ୍ସ ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବ

ଭୁବନେଶ୍ୱର,୨୦।୬: ରେଳବାଇର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ୱରୂପ, ଶନିବାର ରାଇରଙ୍ଗପୁର ଠାରେ ଏକ ସମାରୋହରେ ୭୩୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି, ଯେଉଁଠାରେ ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଏହି ଅବସରରେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି କ୍ଷମତା ବୃଦ୍ଧି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ରେଳ ନେଟୱର୍କକୁ ଆହୁରି ମଜବୁତ କରିବ ଏବଂ ରାଜ୍ୟର ବଢ଼ୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ। ୧୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯଖପୁରା – ଯାଜପୁର କେନ୍ଦୁଝର ରୋଡ଼ – ବୈତରଣୀ ରୋଡ଼ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ – ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ। ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ। ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ – ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନା କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସୃଷ୍ଟ ଅତିରିକ୍ତ କ୍ଷମତା ଅଧିକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ପରିଚାଳନାକୁ ସମ୍ଭବ କରିବ, ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବ, ଶିଳ୍ପ ଲଜିଷ୍ଟିକ୍ସକୁ ମଜବୁତ କରିବ ଏବଂ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ଆଧୁନିକ, ଦକ୍ଷ ଏବଂ ଭବିଷ୍ୟତ ଉପଯୋଗୀ ରେଳ ଭିତ୍ତିଭୂମି ନିର୍ମାଣ ଦିଗରେ ଭାରତ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକର ସମର୍ପଣ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବା ଦିଗରେ ଆଉ ଏକ ପ୍ରମୁଖ ପଦକ୍ଷେପ।

# ସିରିଜ୍ ପୋଛିନେଲା ଭାରତ

## ଆଫଗାନିସ୍ତାନ ବିପକ୍ଷରେ ଭାରତର ବିଶାଳ ବିଜୟ

ଚେନ୍ନାଇ,୨୦।୬: ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଶନିବାର ଆଫଗାନିସ୍ତାନ ବିପକ୍ଷରେ ବିଶାଳ ବିଜୟ ହାସଲ କରିଛି। ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। ୩ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଏଥି ସହିତ ଭାରତ ଏହି ସିରିଜକୁ ୩-୦ରେ ଜିତିଛି। ଚେନ୍ନାଇରେ ଆଜି ଭାରତ ୨୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ପାଇଁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ବ୍ୟାଟିଂ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ଶକ୍ତିଶାଳୀ ଆରମ୍ଭ କରିଥିଲେ। ପ୍ରଥମ ୱିକେଟ ପାଇଁ ୧୭୦ ରନ୍ ସଂଗ୍ରହ କରିଥିଲେ। ଏଥିରୁ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୭୯ ରନ୍ କରିଥିଲେ। ସେ ୬୯ଟି ବଲ୍ ଖେଳି ୯ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଭାରତ ପାଇଁ ଯଶ୍ୱସୀ ଜୟସ୍ୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ସେ ଅପରାଜିତ ଶତକ (୧୧୦ ରନ୍) ହାସଲ କରିଛନ୍ତି। ୮୬ଟି ବଲ୍ ଖେଳି ୧୪ଟି ଚୌକା ଏବଂ ୩ଟି ଛକା ମାରିଛନ୍ତି। ଶ୍ରେୟସ ଆୟର ୨ଟି ଛକା ବଳରେ ଅପରାଜିତ ୨୦ ରନ୍ କରିଛନ୍ତି। ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଆଫଗାନିସ୍ତାନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହସମତୁଲ୍ଲା ସାହିଦୀଙ୍କ ନେତୃତ୍ୱରେ ଦଳ ୪୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପାଇଁ ଅଧିନାୟକ ହସମତୁଲ୍ଲା ସାହିଦୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୩୧ଟି ବଲ୍ ଖେଳି ଶତକ (୧୦୨ରନ୍) କରିଥିଲେ। ଏଥିରେ ସେ ୧୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଆଜମାତୁଲ୍ଲା ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୬ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ମହମ୍ମଦ ନବି ୨୧ ରନ୍ ସଂଗ୍ରହ କରିଥିଲେ। ଇବ୍ରାହିମ ଜର୍ଦାନଙ୍କ ବ୍ୟାଟରୁ ୧୧ ରନ୍ ଅମଳ ହୋଇଥିଲା। ଆଫଗାନିସ୍ତାନର ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ଉତ୍ସାହଜନକ ନଥିଲା। ରହମାନୁଲ୍ଲା ଗୁରବାଜ, ରହମତ ସାହ ଏବଂ ରସିଦ ଖାନ ପ୍ରତ୍ୟେକ ୫ ରନ୍ ଲେଖାଏଁ କରିଥିଲେ। ସେହିପରି ଡାରୱିସ ରାସୋଲି, ଏଏମ୍ ଗଜନଫର ଏବଂ ଜିଆ ଉର ରହମାନ ସରିଫି ମାତ୍ର ୧ ରନ୍ ଲେଖାଏଁ କରିଥିଲେ।



## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା / ଅନୁଗୁଳ,୨୦।୬(ନିପ୍ର): ଭାରତର ଶକ୍ତି ସୁରକ୍ଷା, ବୈଷୟିକ ଆତ୍ମନିର୍ଭରଶୀଳତା ଏବଂ ମାତୃଭୂମିର କୋଇଲା ସମ୍ପଦର ସ୍ଥାୟୀ ବ୍ୟବହାର ହାସଲ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଠାରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍‌ର 'କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍' ପ୍ରକଳ୍ପର ଭର୍ଚୁଆଲ୍ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମାରୋହରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀ, ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ସମେତ ସ୍ଥାନୀୟ ସାଂସଦ, ବିଧାୟକ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋଇଲା ମନ୍ତ୍ରୀ ଶ୍ରୀ ରେଡ୍ଡୀ ଲଖନପୁର ପ୍ରକଳ୍ପ ସ୍ଥଳରେ ପ୍ରେସକୁ ସମ୍ବୋଧନ କରି ଏହି ଆଗାମୀ ପ୍ରକଳ୍ପ ପାଇଁ ଝାରସୁଗୁଡ଼ାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଭେଲ୍ ମଧ୍ୟରେ ହୋଇଥିବା ଏହି ଯୌଥ ଉଦ୍ୟୋଗ ଦେଶରେ କୋଇଲା ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ। ଏହା ଦେଶୀୟ କୋଇଲା ଗ୍ୟାସୀକରଣ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବ ଏବଂ ଭାରତର ପ୍ରଚୁର କୋଇଲା ସମ୍ପଦକୁ ଉଚ୍ଚ ମୂଲ୍ୟଯୁକ୍ତ କେମିକାଲ୍ସରେ ପରିଣତ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଆଞ୍ଚଳିକ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାର ସୃଷ୍ଟି କରିବ, ଦକ୍ଷତା ବିକାଶ ବଢ଼ାଇବ ଏବଂ ଆନୁଷଙ୍ଗିକ ଶିଳ୍ପ ଓ ସେବା କ୍ଷେତ୍ରର ବିକାଶ ମାଧ୍ୟମରେ ଆଞ୍ଚଳିକ ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ସେ ପ୍ରକାଶ କରିଛନ୍ତି।




## ୨୧ରେ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର,୨୦।୬(ନିପ୍ର): ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ଆୟୁରର୍ବେଦୀୟ ବିଜ୍ଞାନ ଅନୁସନ୍ଧାନ ପରିଷଦର ଏକ ପ୍ରତିଷ୍ଠାନ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ଅତ୍ୟନ୍ତ ଉତ୍ସାହର ସହ ସମସ୍ତ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସର୍ବସାଧାରଣଙ୍କ ସକ୍ରିୟ ସହଭାଗିତାରେ ପାଳିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ବିଏମସିର ଉପ-ନଗରପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଗୌରବ ବଢାଇବେ । ଏହି ଅବସରରେ ସାଧାରଣ ଯୋଗ ନିୟମାବଳୀ ଉପରେ ଆଧାରିତ ଏକ ଗଣ ଯୋଗ ପ୍ରଦର୍ଶନ ଅନୁଷ୍ଠିତ ହେବ । ଯାହା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିବ । ସିଏଆରଆଇ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଡା.ଏମ.ଏମ.ରାଓ ପ୍ରକାଶ କରିଛନ୍ତି ଯେ, ଯୋଗ ଏବଂ ଆୟୁର୍ବେଦ ହେଉଛି ପରସ୍ପରର ପରିପୂରକ ବ୍ୟବସ୍ଥା, ଯାହା ସ୍ୱାସ୍ଥ୍ୟର ଉନ୍ନତି ରୋଗ ପ୍ରତିରୋଧ ଏବଂ ସୁସ୍ଥ ଜୀବନଯାପନ ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ରୋଗ ପ୍ରତିରୋଧକ ସ୍ୱାସ୍ଥ୍ୟ ରକ୍ଷା, ମାନସିକ ଚାପ ପରିଚାଳନା ଏବଂ ଜୀବନଶୈଳୀର ସଂଶୋଧନରେ ଯୋଗର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଅଂଶଗ୍ରହଣକାରୀମାନେ ସାମୂହିକ ଭାବେ ସାଧାରଣ ଯୋଗ ନିୟମାବଳୀ ଅନୁଯାୟୀ ଯୋଗାଭ୍ୟାସ କରିବେ ଏବଂ ଏକ ସୁସ୍ଥ ତଥା ଶୃଙ୍ଖଳିତ ଜୀବନଶୈଳୀ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବେ । ଉକ୍ତ କାର୍ଯ୍ୟକ୍ରମ ସିଏଆରଆଇ ଭୁବନେଶ୍ୱର ଅନୁସନ୍ଧାନ ଅଧିକାରୀ ଡା.ସୁସ୍ମିତ ଓତା ସମନ୍ୱୟ କରୁଛନ୍ତି।



## ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ପୁରୀ,୨୦।୬(ନିପ୍ର) ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ। ଏହା କୌଣସି ସମୟରେ ମଧ୍ୟ ଆସିପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ। ଆଜି ପୂର୍ବାହ୍ନରେ ସର୍କିଟ ହାଉସଠାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ବିପର୍ଯ୍ୟୟ ପରିଚାଳନା ଏକ୍ସସରସାଇଜ ବା ଅଭ୍ୟାସ – ୨୦୨୬ ଜିଲ୍ଲା ଅଗ୍ନିଶମ ବାହିନୀ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲ୍ଲା ର ୧୭୬ଟି ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ସଦର ବ୍ଲକ୍‌ର ବୀରହରେକୃଷ୍ଣପୁର ପଞ୍ଚାୟତ ଅଧୀନ ରେଣ୍ଟୁଅ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଅଛି। ଓସଡମାର ସହଯୋଗ ଓ ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଅଛି ।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ, ୯ ଆହତ

ଅନୁଗୋଳ,୨୦।୬: ଭୋଜି କାର୍ଯ୍ୟକ୍ରମରୁ ଘରକୁ ଫେରୁଥିବା ବେଳେ ଘଟିଛି ଏକ ହୃଦୟବିଦାରକ ଅଘଟଣ। ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ କରଲଗା ପଞ୍ଚାୟତର ମନୋହରପୁର ଗ୍ରାମ ନିକଟରେ ପ୍ରବଳ ବଜ୍ରାଘାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୯ ଜଣ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ବରଖୁଲ ଗ୍ରାମର କିଛି ଲୋକ ମନୋହରପୁର ଗ୍ରାମରେ ଆୟୋଜିତ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭୋଜି ସରିବା ପରେ ସେମାନେ ନିଜ ଗାଁକୁ ଫେରୁଥିବା ସମୟରେ ହଠାତ୍ ପାଗ ଖରାପ ହୋଇଯାଇଥିଲା। ଆକାଶରେ ଘନ ଘନ ବିଜୁଳି ଚମକିବା ସହ ବର୍ଷା ଆରମ୍ଭ ହୋଇଥିଲା ଏବଂ ମନୋହରପୁର ଗ୍ରାମ ନିକଟରେ ପ୍ରବଳ ବଜ୍ରାଘାତ ଘଟିଥିଲା। ଏହି ବଜ୍ରାଘାତରେ ବରଖୁଲ ଗ୍ରାମର ସାବିତ୍ରୀ ମୁଣ୍ଡା (୫୫) ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ ମଧ୍ୟ ତାଙ୍କ ଜୀବନ ବଞ୍ଚାଇ ପାରିନଥିଲେ। ତାଙ୍କର ମୃତ୍ୟୁ ପରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି । ଘଟଣାରେ ଆହତ ହୋଇଥିବା ୯ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ଡାକ୍ତରମାନେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଖଇରପାଲି ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଘଟଣାର ସମସ୍ତ ଦିଗକୁ ନେଇ ତଥ୍ୟ ସଂଗ୍ରହ କରାଯାଉଛି। ଭୋଜି କାର୍ଯ୍ୟକ୍ରମରୁ ଘରକୁ ଫେରୁଥିବା ବେଳେ ଘଟିଥିବା ଏହି ଅପ୍ରତ୍ୟାଶିତ ଅଘଟଣ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ମୃତ ସାବିତ୍ରୀ ମୁଣ୍ଡାଙ୍କ ପରିବାରକୁ ସରକାରୀ ସହାୟତା ଏବଂ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବାଘ ଛାଲ ବିକ୍ରି ଉଦ୍ୟମ, ଜଣେ ଗିରଫ

ନବରଙ୍ଗପୁର,୨୦।୬ : ୧୦ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି ଉଦ୍ୟମ ବେଳେ ଚଢାଉ ହୋଇଛି। ମହାବଳ ବାଘ ଛାଲ ଜବତ କରିଛି ବନବିଭାଗ । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅନ୍ତର୍ଗତ ପାତ୍ରୀ ସଂରକ୍ଷିତ ଜଙ୍ଗଲରୁ ଏହି ବାଘ ଛାଲ ଜବତ କରିଛି ବନବିଭାଗ। ଏଥିରେ ଜଣଙ୍କୁ ବନବିଭାଗ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି । ଗିରଫ ଅଭିଯୁକ୍ତ ଜଣକ ହେଲେ ଡାବୁଗାଁ ଥାନା ଅନ୍ତର୍ଗତ ପାତ୍ରୀ ଗ୍ରାମର ଶିବୁନ ଟାକ୍ରୀ।ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସୂଚନା ଅନୁସାରେ ଗତ କିଛି ଦିନ ଧରି ଜିଲ୍ଲାରେ ମହାବଳ ବାଘ ଛାଲ କାରବାର ଚାଲୁଥିବା ନେଇ ଗୁପ୍ତ ସୂଚନା ପାଇବା ପରେ ବନବିଭାଗ ସତର୍କ ହୋଇଥିଲେ । ବାଘ ଛାଲ ବିକ୍ରି ପାଇଁ ଯୋଜନା କରାଯାଉଥିବା ନବରଙ୍ଗପୁର ବନ ଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ୍ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଓ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତରାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରିଥିଲେ।ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ପାତ୍ରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ଥିବା ପାତ୍ରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜଣେ ବ୍ୟକ୍ତି ଏକ ବ୍ୟାଗ ରେ ରୟାଲ ବେଙ୍ଗଲ ( ମହାବଳ ) ବାଘ ଛାଲ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଗ୍ରାହକ ସାଜି ବାଘ ଛାଲ କିଣିବା ବାହାନାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ ।



## ଓଡ଼ିଶା ଶିଳ୍ପ ସଂଘରେ ହେବ ବି.ଆଇ.ଏସ୍‌ର ଟେଷ୍ଟିଂ ଲାବ୍

କଟକ,୨୦।୬(ନିପ୍ର): ଭାରତ ସରକାରଙ୍କ ଏମ୍.ଏସ.ଏମ.ଇ ଡି ଏଫ୍ ଓ ଏବଂ ବି ଆଇ ଏସ ସହଯୋଗରେ କ୍ୱାଲିଟୀ ସମ୍ପର୍କିତ ଏକ କର୍ମଶାଳା ଓଡ଼ିଶା ଶିଳ୍ପ ସଂଘ ସଭା ଗୃହରେ ଆୟୋଜିତ ହୋଇଯାଇଛି। ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ତାଙ୍କର ସ୍ୱାଗତ ଭାଷଣରେ ଅତିଥି ମାନଙ୍କୁ ପରିଚିତ କରାଇବା ସହିତ ଏହି ସଭାରେ ସଭାପତିତ୍ୱ କରିଥିଲେ। କ୍ଷୁଦ୍ର ଶିଳ୍ପର ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ଏବଂ ଏହାକୁ ମାପିବାର ଆବଶ୍ୟକତାକୁ ଅତି ସରଳ ଭାବରେ ବୁଝାଇଥିଲେ। ଭାରତରେ ପ୍ରସ୍ତୁତ ସମସ୍ତ ସାମଗ୍ରୀର ଗୁଣବତ୍ତା ର ମାନଙ୍କ ଧାର୍ଯ୍ୟ କରିବା ଏବଂ ତାକୁ ସଠିକ୍ ଭାବରେ ନିୟନ୍ତ୍ରଣ କରିବା ପାଇଁ ବିଆଇଏସ ହେଉଛି ଭାରତ ସରକରଙ୍କ ଏକ ପ୍ରମୁଖ ସଂସ୍ଥା। ଭାରତ ସରକାରଙ୍କ ଏମଏସଏମଇ ଡିଏଫଓର ଓଡ଼ିଶା ଡିରେକ୍ଟର ପି କେ ଗୁପ୍ତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ଷୁଦ୍ର ଶିଳ୍ପରେ ଗୁଣବତ୍ତା ବଜାୟ ରଖିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲ। ସେଥିପାଇଁ ଆବଶ୍ୟକ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଏସଆଇର କଲିକତା ସ୍ଥିତ ରିଜିଓନାଲ ଅଫିସର ସିନିୟର୍ ଡାଇରେକ୍ଟର ସୁଦୀପ ବସୁ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଆଜିର ଦୁନିଆରେ କ୍ୱାଲିଟୀର ଆବଶ୍ୟକତା ଏବଂ ବିଶ୍ୱ ବଜାରରେ ବିଆଇଏସର ମାନ୍ୟତା ବିଷୟରେ ସବିଶେଷ ଆଲୋଚନା କରିଥିଲେ। ସାରା ପୃଥିବୀରେ ଭାରତ ତିଆରି ଜିନିଷର ଚାହିଦାକୁ ବଢ଼ାଇବା ପାଇଁ ଗୁଣବତ୍ତା ବା କ୍ୱାଲିଟୀ ହେଉଛି ମୁଖ୍ୟ ଆବଶ୍ୟକତା ଏବିଂ ଏହି କ୍ୱାଲିଟୀକୁ ପରଖିବା ପାଇଁ ଆବଶ୍ୟକ ବିଆଇଏସ ମାନର ଲ୍ୟାବ ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥାଏ ଯାହାକୁ ପୂରଣ କରିବା କ୍ଷୁଦ୍ର ଶିଳ୍ପ ପାଇଁ କଷ୍ଟକର ହୋଇଥାଏ। ଏହି ଆବଶ୍ୟକତା କୁ ପୂରଣ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ବିଆଇଏସ ସହଯୋଗରେ ଓଡ଼ିଶା ଶିଳ୍ପ ସଂଘରେ ଏକ ଉଚ୍ଚ ସମ୍ପନ୍ନ କମନ ଟେଷ୍ଟିଙ୍ଗ ଲ୍ୟାବ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି ଯେଉଁଠି କ୍ଷୁଦ୍ର ଶିଳ୍ପମାନେ ବହୁତ କମ ଖର୍ଚ୍ଚରେ ସେମାନଙ୍କ ତିଆରି ଜିନିଷର କ୍ୱାଲିଟୀ ଟେଷ୍ଟ କରିପାରିବେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଆଇଏସ ଭୁବନେଶ୍ୱର ସ୍ଥିତ ଶାଖାର ଡାଇରେକ୍ଟର ଅକ୍ଷୟ କୁମାର ପୁରୋହିତ ଯୋଗଦେଇ ସମସ୍ତ ଶିଳ୍ପଦ୍ୟୋଗୀଙ୍କୁ ପ୍ରୋତ୍ସାହନ କରିବା ସହିତ ଉତ୍ପାଦିତ ସମସ୍ତ ଜିନିଷର ଗୁଣବତ୍ତା ନିୟନ୍ତ୍ରଣ ରଖିବାରେ ସରକାର ଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ୫୦ରୁ ଅଧିକ ଶିଳ୍ପଦ୍ୟୋଗୀ ଏବଂ କଟକ ସ୍ଥିତ ଅନ୍ୟ ଶିଳ୍ପ ସଂଘର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଶିଳ୍ପ ସଂଘର ପୂର୍ବତନ ସମ୍ପାଦକ ଗୌର ଗୋପାଳ ସେନ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ ଧନ୍ୟବାଦ୍ ଅର୍ପଣ କରିବା ସହିତ ଉତ୍ପାଦିତ ସାମଗ୍ରୀର ଉନ୍ନତ ଗୁଣବତ୍ତା ହିଁ ଭାରତକୁ ବିଶ୍ୱ ବଜାରରେ ଅଗ୍ରଣୀ କରିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିନୋଦ ଭୂତ୍, ସମ୍ପାଦକ ଦେବେନ୍ଦ୍ର ଶର୍ମା, ସୁଭ୍ରକନ୍ତ ପଣ୍ଡା, ଅଜୟ ପଣ୍ଡା, ଅଶୋକ ସାହୁ, ରମା ବଲ୍ଲଭ ନାୟକ, ବିପିନ ଦଣ୍ଡପାଟ, ପ୍ରଶାନ୍ତ ମହାପାତ୍ର, ଅରୁଣ ବାଗେଡିଆ, ସୁଧାକର ସ୍ୱାଇଁ, ଶାଶ୍ୱତ ଜେନା, ଅକ୍ଷୟ ଜେନା, ପ୍ରିୟ ରଞ୍ଜନ ମହାନ୍ତି, ନିହାର କୁମାର ଭୂୟାଁ, ଅନିଲ ଜୈନ, ସୁଶାନ୍ତ କୁମାର ମଲ୍ଲିକ, ଅଭିଳାଷ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### AFFIDAVIT

By virtue of an affidavit sworn before Executive Magistrate, Bhadrak affidavit no.7267 dtd.18.06.2026. I Lambodar Mishra S/o-Narahari Mishra At/Po-Chandigaon, Ps/Dist-Bhadrak, Pin-756101do hereby declare that I have changed the name of my minor daughter from Sai Swastika Mishra to Sai Sustika Mishra. Hencefortoh she will be knonw as Sai Sustika Mishra for all purposes.

Sd/-Lambodar Mishra

### AFFIDAVIT

By virtue of an affidavit sworn before Executive Magistrate Keonjhar, dated 20/06/2026 I Sunita Samantia wife of Karttik Samantia permanent Address AT- Guruda, PO-Guruda, P.S- Bamebari, Dist-Keonjhar, pin- 758034 declare that I have changed the name of my Daughter from Susmita Samantia to Sasmita Samantia henceforth, I shall be known as Sasmita Samantia for all purposes.

Sd/-Sunita Samantia

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ